


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୦୭ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 07 JUNE 2022

Vol.No. 35 ■ No. 149 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ପ୍ରକାଶକ :

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ

ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଙ୍ଗଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା

ବାଲେଶ୍ୱର-୧


### ବାରଣାସୀ ବିସ୍ଫୋରଣର ୧୬ ବର୍ଷପରେ ଆସିଲା ରାୟ

## ଆତଙ୍କବାଦୀ ବଲିଓଲ୍ଲାହାକୁ ଫାଶିଦଣ୍ଡ



ନୂଆଦିଲ୍ଲୀ, ୦୬/୦୬ : ୧୬ ବର୍ଷ ତଳେ ବାରଣାସୀରେ ହୋଇଥିବା ସିରିଏଲ ବ୍ଲାଷ୍ଟ ମାମଲାରେ ଗାଜିଆବାଦ କୋର୍ଟ ରାୟ ଦେଇଛନ୍ତି । ଏହି ବିସ୍ଫୋରଣରେ ସାମିଲ ଥିବା ଆତଙ୍କବାଦୀ ବଲିଓଲ୍ଲାହାଙ୍କୁ କୋର୍ଟ ଫାଶି ଦଣ୍ଡ ଶୁଣାଇଛନ୍ତି । ଏହି ବ୍ୟତୀତ ବଲିଓଲ୍ଲାହଙ୍କୁ ଅନ୍ୟ ଏକ ମାମଲାରେ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସୂଚନା ଥାଉକି ୨୦୦୬ ମସିହାରେ ବାରଣାସୀରେ ଏକ ସିରିଏଲ ବ୍ଲାଷ୍ଟ ହୋଇଥିଲା । ଏଥିରେ ୧୮ ଜଣ ଲୋକଙ୍କ ଜୀବନ ଯାଇଥିଲା । କହିରଖୁ କି ଏହି ମାମଲାରେ ଗାଜିଆବାଦ କୋର୍ଟ ଚଳିତ ମାସ ୪ ତାରିଖରେ ଦୋଷୀ ସାବ୍ୟସ୍ତ କରିଥିଲେ । ଆଜି (ସୋମବାର) ଏହାର ରାୟ ପ୍ରକାଶ ପାଇଛି । ୨୦୦୬ ମସିହାରେ ବାରଣାସୀର ଏକ ହନୁମାନ ମନ୍ଦିର ପରିସର, ଦଶାସମେଦ୍ଧ ଘାଟ ଓ ରେଳ ଷ୍ଟେସନରେ ବିସ୍ଫୋରଣ ହୋଇଥିଲା । ଏଥିରେ ୧୮ ଜଣ ଲୋକ ପ୍ରାଣ ହରାଇଥିଲେ । ଏହାସହ ୧୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ । ବାରଣାସୀ ବିସ୍ଫୋରଣ ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆତଙ୍କବାଦୀ ବଲିଓଲ୍ଲାହା ଖାନ ଜଣେ ପେଶାଦାର ଆତଙ୍କବାଦୀ । ତାଙ୍କର ଅନେକ ଆତଙ୍କବାଦୀ ସଂଗଠନ ସହ ସଂପର୍କ ରହିଛି । ତାଙ୍କ ବିରୋଧରେ ଏବେ ବି ୬ ଟି ମାମଲା ରହିଛି । ସେ ବାରଣାସୀ ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ଥିଲା । ତାଙ୍କୁ ୨୦୦୬ ମସିହାରେ ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଗିରଫ କରାଯାଇଥିଲା । ତାଙ୍କୁ ପଚରା ଉଚରା ପରେ ସେ ଏହି ବିସ୍ଫୋରଣ ପଛରେ ଆଇଏସଆଇର ହାତ ଥିବା କଥା କହିଥିଲେ ।

## ଚର୍ଚ୍ଚରେ ଆଖିବୁଜା ଗୁଳିମାଡ଼ ଓ ବିସ୍ଫୋରଣ : ୫୦ରୁ ଅଧିକ ମୃତ



ଅବୁଜା, ୦୬/୦୬ (ନି.ପ୍ର): ଚର୍ଚ୍ଚରେ ଲୋକମାନେ ପ୍ରାର୍ଥନା କରୁଥିବା ବେଳେ ଆଖିବୁଜା ଗୁଳିମାଡ଼ ହୋଇଛି । ଏଥିରେ ୫୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ନାଇଜେରିଆର ଦକ୍ଷିଣପଶ୍ଚିମ ପ୍ରାନ୍ତରେ ଥିବା ଗୋଟିଏ କ୍ୟାଥୋଲିକ ଚର୍ଚ୍ଚରେ ଏପରି ଭୟଙ୍କର ଘଟଣା ଘଟିଛି । ପୁଲିସ୍ କହିଛି ଯେ ରବିବାର ଶତାଧିକ ଲୋକ ଚର୍ଚ୍ଚ ଭିତରେ ଓ ବାହାରେ ଏକତ୍ରୀତ ହୋଇଥିଲେ । ଏହି ସମୟରେ କିଛି ବନ୍ଧୁକଧାରୀ ପହଞ୍ଚି ଆଖିବୁଜା ଗୁଳିମାଡ଼ କରିଥିଲେ । ଏଥିସହ ସେମାନେ ବିସ୍ଫୋରଣ ମଧ୍ୟ କରିଛନ୍ତି । ଏହି ଘଟଣାରେ ୫୦ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲାମାନେ ବି ରହିଛନ୍ତି । ବନ୍ଧୁକଧାରୀମାନେ ଚର୍ଚ୍ଚର ଫାଦରଙ୍କୁ ମଧ୍ୟ ଅପହରଣ କରି ନେଇଛନ୍ତି । ତାଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନ ଚାଲିଛି । ଘଟଣା ସମ୍ପର୍କରେ ଖବର ପାଇ ସୁରକ୍ଷାକର୍ମୀମାନେ ତୁରନ୍ତ ଚର୍ଚ୍ଚ ନିକଟରେ ପହଞ୍ଚିଥିଲେ । କିନ୍ତୁ ସେତେବେଳକୁ ବନ୍ଧୁକଧାରୀମାନେ ସେଠାରୁ ଖସି ଯିବାକୁ ସକ୍ଷମ ହୋଇଥିବା ଆଉ ଜଣେ ପୁଲିସ୍ ଅଧିକାରୀ କହିଛନ୍ତି । ଉଦ୍ଧାରକାରୀ ଦଳ ଗୁଳିମାଡ଼ରେ ଆହତ ହୋଇଥିବା ଅନେକ ଲୋକଙ୍କୁ ଦୁଇଟି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ତେବେ ସେମାନଙ୍କ ମଧ୍ୟରୁ କିଛି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି । ଓୱୋ ସହରରେ ଥିବା ସେଣ୍ଟ ଫ୍ରାନସିସ କ୍ୟାଥୋଲିକ୍‌ରେ ଚର୍ଚ୍ଚରେ ହମଲା ହୋଇଥିବା ଖବର ପାଇ ଓନଡୋର ଗଭର୍ଣ୍ଣର ଆରାକୁନରିନ ସେଠାରେ ପହଞ୍ଚିଥିଲେ । ସେ ହସ୍ପିଟାଲ ଯାଇ ଆହତଙ୍କୁ ମଧ୍ୟ ଭେଟିଛନ୍ତି । ଆରାକୁନରିନ ଘଟଣାକୁ ନରସଂହାର ବୋଲି କହିବା ସହ ଦେଶରେ ଆଗକୁ ଏପରି ଘଟଣା ଘଟିବ ନାହିଁ ବୋଲି ଦମ୍ଭୋକ୍ତି କରିଛନ୍ତି । କିନ୍ତୁ କିଏ ଓ କାହିଁକି ଚର୍ଚ୍ଚରେ ଏପରି ନରସଂହାର କଲା, ସେ ବିଷୟରେ କିଛି ବି ଜଣାପଡ଼ିନି ।

### କାନପୁର ହିଂସା: ୪୦ ସନ୍ଦିଗ୍ଧଙ୍କ ଫଟୋ ଜାରି କଲା ପୋଲିସ

ନୂଆଦିଲ୍ଲୀ, ୦୬/୦୬ : କାନପୁର ହିଂସା ମାମଲାରେ ୟୁପି ପୋଲିସ ଆକ୍ସନମୋଡରେ ରହିଛି । ବର୍ତ୍ତମାନ ସୁଦ୍ଧା ମିଳିଥିବା ପ୍ରମାଣ ଓ ତଥ୍ୟ ଆଧାରରେ ଏଥିରେ ବଡ ଷଡଯନ୍ତ୍ର ଥିବା ଗନ୍ଧ ବାରିଛି । ତେବେ ଆଉ ଗୋଟିଏ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ଗୋଟିଏ ଠେଲାରେ ପଥର ଭର୍ତ୍ତି କରି ଆକ୍ରମଣ ହେଉଥିବା ଦେଖିବାକୁ ମିଳିଛି । ତେବେ କାନପୁର ପୋଲିସ ଏବଂ ଜିଲ୍ଲା ପ୍ରଶାସନ ନୂଆ ସଡକ ଅଞ୍ଚଳରେ ନିର୍ମାଣ ହୋଇଥିବା ଘରେ ଯାଞ୍ଚ ଆରମ୍ଭ କରିଛି । ଆଜି କାନପୁର ହିଂସାରେ ୯ ଜଣଙ୍କୁ ଗିରଫ କରାଯାଇସାରିଛି । ଏହି ୯ ଜଣଙ୍କୁ ମିଶାଇ ୩୮ ଜଣ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ଗିରଫ ହୋଇସାରିଛନ୍ତି । ଏଟିଏସର ଟିମ୍ ଏହି ସମସ୍ତ ଅଭିଯୁକ୍ତଙ୍କୁ ଲଗାତର ପଚରାଉଚରା ଜାରିରଖିଛି । ଶୁକ୍ରବାର କାନପୁରରେ ହିଂସା ହୋଇଥିଲା । ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । କାନପୁର ପୋଲିସ କମିଶନର ତିନି ଥର ହିଂସା ହୋଇଥିବା ସ୍ଥାନ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିସାରିଛନ୍ତି । ତେବେ ପୋଲିସ ହିଂସା ମାମଲାରେ ସିସିଟିଭି ଏବଂ ଭିଡିଓ ଫୁଟେଜ ଯାଞ୍ଚ ପରେ ୪୦ ସନ୍ଦିଗ୍ଧଙ୍କ ଫଟୋ ଜାରିକରିଛି । ଏହି ସମସ୍ତଙ୍କ ବୟସ ୨୫ ବର୍ଷରୁ କମ ଥିବା ସୂଚନା ମିଳିଛି । ଯେଉଁମାନେ ଏମାନଙ୍କ ବିଷୟରେ ସୂଚନା ଦେବେ ସେମାନଙ୍କ ନାମ ଗୁପ୍ତ ରଖାଯିବ ବୋଲି ପୋଲିସ କହିଛି ।

## ଅଗ୍ନି-୪ର ସଫଳ ରାତ୍ରୀକାଳୀନ ବ୍ୟବହାର ଉପଯୋଗୀ ପରୀକ୍ଷଣ



ବାଲେଶ୍ୱର, ୦୬/୦୬ (ନି.ପ୍ର): ବାଲେଶ୍ୱର ଅବଦୁଲ କଲମା ଆଇଲାଣ୍ଡରୁ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଅଗ୍ନି-୪ର ସଫଳ ରାତ୍ରୀକାଳୀନ ବ୍ୟବହାର ଉପଯୋଗୀ ପରୀକ୍ଷଣ ହୋଇଛି । ଆଜି ସନ୍ଧ୍ୟା ୭ଟା ୪୫ ମିନିଟରେ ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର ବା ଆଇଟିଆର ୪ ନମ୍ବର ଲଞ୍ଚ ପ୍ୟାଡରୁ ଏହି ପରୀକ୍ଷଣ କରାଯାଇଥିଲା । ଆଣବିକ ଅସ୍ତ୍ର ବହନ କ୍ଷମତା ସଂପନ୍ନ ଏହି ବାଲିଷ୍ଟିକ ମିଜାଇଲକୁ ଗୋଟିଏ ମୋବାଇଲ ଲଞ୍ଚରରୁ ପରୀକ୍ଷା କରାଯାଇଥିଲା । ସୈନ୍ୟ ବାହିନୀର ଷ୍ଟ୍ରେଟେଜିକ୍ ଫୋର୍ସର କମାଣ୍ଡର ଜୱାନମାନେ ଏହି ପରୀକ୍ଷା କରିଥିଲେ । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରରେ କଠିନ ଇନ୍ଧନ ବ୍ୟବହାର କରାଯାଇଛି । ଭୂ-ପୃଷ୍ଠରୁ ଭୂ-ପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ରର ୩୫୦୦ରୁ ୪୦୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କ୍ଷମତା ରହିଛି । ଏହି ମିଜାଇଲରେ ଏକ ଟନ ଓଜନର ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି । ଏହି କ୍ଷେପଣାସ୍ତ୍ରର ଲଞ୍ଚ ୱେଟ୍ ୬ଟନ୍ ଥିବାବେଳେ ଏହାର ଲମ୍ବ ୨୦ ମିଟର ଓ ଓସାର ୧.୦୧ମିଟର ରହିଛି । ଏହି କ୍ଷେପଣାସ୍ତ୍ର ଭାରତର ଶତ୍ରୁ ରାଷ୍ଟ୍ର ପାକିସ୍ତାନ ଓ ଚୀନକୁ ଟାର୍ଗେଟ କରିବାରେ ସକ୍ଷମ ହୋଇପାରିବ ।

## ଦିଲ୍ଲୀ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଘରେ ଇଡି ରେଡ୍




ନୂଆଦିଲ୍ଲୀ, ୦୬/୦୬ : ରାଜଧାନୀ ଦିଲ୍ଲୀରେ ସକାଳୁ ସକାଳୁ ଆକ୍ସନ ମୋଡରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । ଦିଲ୍ଲୀର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଆମ ଆଦମୀ ପାର୍ଟିର ନେତା ସତ୍ୟେନ୍ଦ୍ର ଜୈନଙ୍କ ସମସ୍ୟା କମିବାର ନାଁ ନେଉନାହିଁ । ମନି ଲଣ୍ଡ୍ରିଙ୍ଗ ମାମଲାରେ ତାଙ୍କୁ ପ୍ରଥମେ ଗିରଫ କରାଯିବା ପରେ ସୋମବାର ସକାଳୁ ସକାଳୁ ତାଙ୍କ ବାସଭବନରେ ରେଡ୍ କରିଛି ଇଡି । ଦିଲ୍ଲୀ ସ୍ଥିତ ତାଙ୍କ ଘର ସହ ତାଙ୍କ ସମ୍ପର୍କିତ ଅନ୍ୟ ସ୍ଥାନରେ ମଧ୍ୟ ଏକକାଳୀନ ରେଡ୍ ଚାଲିଥିବା ସୂଚନା ରହିଛି । ସୂଚନା ମୁତାବକ, କୋଲକାତାସ୍ଥିତ କମ୍ପାନୀ ସହିତ ଜଡିତ ଆର୍ଥିକ କାରବାର ମାମଲାରେ ଜୁନ୍ ୯ ପର୍ଯ୍ୟନ୍ତ ଇଡି ହେପାଜତରେ ଥିବା ସତ୍ୟେନ୍ଦ୍ର ଜୈନଙ୍କ ବାସଭବନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହି ଚଢାଉ କରିଛି । ଇଡି ଦଳ ବର୍ତ୍ତମାନ ସତ୍ୟେନ୍ଦ୍ର ଜୈନଙ୍କ ବାସଭବନ ଭିତରେ ଉପସ୍ଥିତ ଅଛନ୍ତି ଏବଂ ସର୍ଚ୍ଚ ଅପରେସନ୍ ଜାରି ରହିଛି । ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମନ୍ତ୍ରୀ ସତ୍ୟେନ୍ଦ୍ରର ଜୈନଙ୍କୁ ପଚରାଉଚରା ସମୟରେ ଜଣେ ଓକିଲଙ୍କ ଉପସ୍ଥିତିକୁ ଅନୁମତି ଦେଇ ଟ୍ରାଏଲ କୋର୍ଟଙ୍କ ଆଦେଶ ଉପରେ ସ୍ଥଗିତାଦେଶ ଦେଇଥିଲେ । ସତ୍ୟେନ୍ଦ୍ର ଜୈନଙ୍କୁ ମେ ୩୦ ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ମନି ଲଣ୍ଡରିଂ ମାମଲାରେ ଗିରଫ କରିଥିଲା । ଟ୍ରାଏଲ କୋର୍ଟ ଜୈନଙ୍କ ପଚରାଉଚରା ସମୟରେ ଏତେ ଦୂରରେ ଓକିଲଙ୍କ ଉପସ୍ଥିତିକୁ ଅନୁମତି ▶▶ପୃଷ୍ଠା ୭

### ସିଡାକ ଓ ନାବକନ୍ସ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର, ୦୬/୦୬ (ନି.ପ୍ର): ସିଡାକର ସଭାଗୃହରେ ନାବାର୍ଡ କନ୍‌ସଲଟାନ୍ସି ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (ନାବ୍‌କନ୍ସ) ସହିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍)ର ଏକ ଚୁକ୍ତିନାମା ଆଜି ପୂର୍ବାହ୍ନରେ ସ୍ୱାକ୍ଷରିତ ହୋଇଯାଇଛି । ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ରଙ୍କ ଉପସ୍ଥିତିରେ ନାବକନ୍ସ ପକ୍ଷରୁ ସାଧାରଣ ପରିଚାଳକ ବିଭୂତି ଭୂଷଣ ସାହୁ ଏବଂ ସିଡାକ୍ ପକ୍ଷରୁ ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ନାବକନ୍ସର ସହଭାଗିତାରେ ରାଜ୍ୟରେ ବିଭିନ୍ନ ହସ୍ତଶିଳ୍ପ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ଏହି ଚୁକ୍ତିର ମୂଳ ଉଦ୍ଦେଶ୍ୟ । ଅନ୍ୟମାନଙ୍କ ମଧ୍ୟରେ ନାବକନ୍ସର ସହ ସାଧାରଣ ପରିଚାଳକ ଅକ୍ଷୟ କୁମାର ଚୌଧୁରୀ ଏବଂ ବରିଷ୍ଠ ପରାମର୍ଶଦାତା କୁମାରୀ ଶ୍ରାବଣୀ ହାଲଦାର ଉପସ୍ଥିତ ରହିଥିବାବେଳେ ସିଡାକ୍ ପକ୍ଷରୁ ସହନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଓ ପ୍ରକଳ୍ପ ସଂଯୋଜକ ଅଶୋକ କୁମାର ଚିନରା ଉପସ୍ଥିତ ଥିଲେ ।

## ଚିହ୍ନଟ ହେଲା କୋଭିଡ୍ ଭୂତାଣୁର ନୂଆ ପ୍ରଜାତି



ନୂଆଦିଲ୍ଲୀ, ୦୬/୦୬ : କୋଭିଡ୍ ଚାଲିଗଲା ବୋଲି ଅନେକ ଭାବୁଥିବାବେଳେ ଚିହ୍ନଟ ହୋଇଛି ଓମିକ୍ରନ ପ୍ରଜାତିର ନୂଆ ଉପ-ପ୍ରଜାତି । ତାମିଲନାଡୁର ନାଭାଲୁର ଓ ମହାବଳୀପୁରମ ଭଳି ଜିଲ୍ଲାର କରୋନା ଆକ୍ରାନ୍ତଙ୍କ ନମୁନାର ପରବର୍ତ୍ତୀ ଯାଞ୍ଚ ପାଇଁ ପଠାଯାଇଥିବା ୧୫୦ଟି ନମୁନାରୁ ୧୨ଟି ନୂଆ ପ୍ରଜାତି ବିଏ-୪ ଓ ବିଏସ-୫ ଚିହ୍ନଟ ହୋଇଛି । ଏନେଇ ତାମିଲନାଡୁ ସରକାରଙ୍କୁ ହାଇଦ୍ରାବାଦ ସ୍ଥିତ ପରୀକ୍ଷାଗାର କର୍ତ୍ତୃପକ୍ଷ ଜଣାଇ ଦେଇଛନ୍ତି । ୪ ଜଣ ବିଏ-୪ ଓ ୮ ଜଣ ବିଏ-୫ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି । ଅନ୍ୟମାନେ ବିଏ-୧ ଓ ବିଏ-୨ ପ୍ରଜାତି ଦ୍ୱାରା ସଂକ୍ରମିତ ହୋଇଛନ୍ତି । ତେବେ ସମସ୍ତେ ସୁସ୍ଥ ଅଛନ୍ତି ବୋଲି ତାମିଲନାଡୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ବିଶେଷ କରି ଆଇଆଇଟି-ମାଡ୍ରାସ ଓ ସତ୍ୟ ସାଇ ୟୁନିଭର୍ସିଟି, ଆନା ମଲ୍ଲାଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି । ଅନ୍ୟପଟେ ଦେଶରେ କରୋନା ସଂକ୍ରମଣ ପୁଣି ଥରେ ଉପରମୁହାଁ ହୋଇଛି । ସଂକ୍ରମଣ ହାର ମଧ୍ୟ ତିନି ମାସ ପରେ ବଢ଼ିଯାଇଛି । ଯାହାକି ଚିନ୍ତାର କାରଣ ହୋଇଛି ।

## ବିଦେଶ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୬/୦୬ (ନି.ପ୍ର): ଆସନ୍ତା ଜୁନ୍ ୨୮ରେ ବିଦେଶ ଯିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଦୀର୍ଘ ୧୦ ବର୍ଷ ପରେ ବିଦେଶ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ପ୍ରଥମେ ଦୁବାଇ ଯିବେ ଓ ସେଠାରୁ ଇଟାଲି ଗସ୍ତ କରିବେ ବୋଲି ଜଣାଯାଇଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ବିଦେଶଗସ୍ତ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନି । ସୂଚନା ଅନୁଯାୟୀ, ଆସନ୍ତା ୨୮ ତାରିଖରେ ମୁଖ୍ୟମନ୍ତ୍ରୀ ଦୁବାଇରେ ଅୟୋଜିତ ହେବାକୁ ଥିବା ଇନଭେଷ୍ଟମେଂଟ ମିଟ୍ ରେ ଯୋଗ ଦେବେ । ବିଦେଶୀ ନିବେଶକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବା ନବୀନ ପଟ୍ଟନାୟକଙ୍କ ଗସ୍ତର ମୁଖ୍ୟ କାର୍ଯ୍ୟକ୍ରମ ରହିବ । ଏହା ପରେ ଉକ୍ତ ଦିନ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଦୁବାଇରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରିବା ସହ ସେମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବେ । ଦୁବାଇ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇଟାଲି ଗସ୍ତ କରିବେ ବୋଲି ଜଣାଯାଇଛି । ସେଠାରେ ସେ ରୋମ୍ ଇନଭେଷ୍ଟର୍ସ ମିଟ୍ ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ନିବେଶକଙ୍କୁ ଓଡ଼ିଶାରେ ଅଧିକ ନିବେଶ ପାଇଁ ଅନୁରୋଧ କରିବେ ନବୀନ । ଇପିକଲ୍, ଫିକି ଓ ଦୁବାଇସ୍ଥିତ ଇଣ୍ଡିଆନ କନସଲେଟ୍ ପକ୍ଷରୁ ଏଥିନିମନ୍ତେ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୂଚନାଯୋଗ୍ୟ, ଶେଷଥର ପାଇଁ ୨୦୧୨ ମେ' ମାସରେ ଲଣ୍ଡନରେ ବିଜିନେସ୍ ମିଟ୍ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ । କିନ୍ତୁ ପ୍ୟାରୀମୋହନ ମହାପାତ୍ରଙ୍କ 'ମିଡନାଇଟ୍ ଅପରେସନ' ଯୋଗୁ ସେ ନିଜର ଗସ୍ତକୁ କାଂଟଛାଂଟ୍ କରି ଫେରିଆସିଥିଲେ ।

### ୨ କୋଟିର ବ୍ରାଉନସୁଗାର ଜବତ

ଭୁବନେଶ୍ୱର, ୦୬/୦୬ (ନି.ପ୍ର): ଭୁବନେଶ୍ୱରରୁ ୨ କେଜି ୫୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ଏହି ମାମଲାରେ ଏସଟିଏଫ ୩ ଜଣଙ୍କୁ ଗିରଫ କରିଛି । ଭୁବନେଶ୍ୱର ଏମ୍ସ ନିକଟରେ ବିକ୍ରି ପାଇଁ ଡିଲ୍ ବେଳେ ଏସଟିଏଫ ଏହି ବ୍ରାଉନ ସୁଗାରକୁ ଜବତ କରିଛି । ଗିରଫ ୩ ଅଭିଯୁକ୍ତ ଖୋର୍ଦ୍ଧା ଜିଲ୍ଲା ରଣସିଂହପୁର, ଖଣ୍ଡଗିରି ଓ ବାଲିପାଟଣାର ବୋଲି ଜଣା ପଡିଛି । ଜବତ କରାଯାଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୨କୋଟି ୫ଲକ୍ଷ ଟଙ୍କା ହୋଇଥିବା ଅନୁମାନ କରାଯାଉଛି ।

## ବଢିଲା ଅଭିନେତା ସଲମାନ ଖାନଙ୍କ ସୁରକ୍ଷା

### ଗାଲେକ୍ସି ଆପାର୍ଟମେଂଟରେ ପହଁଚିଲା ମୁମ୍ବାଇ ପୁଲିସ ଓ କାଇମ୍‌ବ୍ରାଞ୍ଚ



ନୂଆଦିଲ୍ଲୀ, ୦୬/୦୬ : ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା ପରେ ବଲିଉଡ ଅଭିନେତା ସଲମାନ ଖାନ ହତ୍ୟା ଧମକ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି । ପ୍ରଶଂସକଙ୍କଠୁ ନେଇ ସେଲିବ୍ରେଟି ସଲମାନଙ୍କ ସୁରକ୍ଷା ନେଇ ଯେତିକି ଚିନ୍ତାରେ ଅଛନ୍ତି ସେତିକି ଚିନ୍ତାରେ ପଡିଛି ମୁମ୍ବାଇ ପୁଲିସ । ଆଜି ସକାଳୁ ସଲମାନଙ୍କ ଗାଲେକ୍ସି ଆପାର୍ଟମେଂଟରେ ପହଁଚି ମୁମ୍ବାଇ ପୁଲିସ ଓ ସିବିଆଇ ଟିମ ସଲମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି । ବଲିଉଡ ଅଭିନେତା ସଲମାନ ଖାନ ଓ ତାଙ୍କ ପିତା ସଲିମ ଖାନଙ୍କୁ ଏକ ହତ୍ୟା ଧମକ ମିଳିଛି । ହତ୍ୟା ପାଇଁ ଲେଖାଯାଇଥିବା ଏକ ଚିଠିରେ ଲେଖା ଯାଇଛି, ସଲମାନ ଓ ତାଙ୍କ ପିତା ସଲିମ ଖାନଙ୍କ ହତ୍ୟା ପଂଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ପରି ହେବ । ଏଭଳି ଧମକ ପରେ ସଲମାନ ଖାନଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ହତ୍ୟା ଧମକ ମିଳିବା ପରେ ଏବେ ଆକ୍ସନ ମୋଡରେ ମୁମ୍ବାଇ ପୁଲିସ । ମୁମ୍ବାଇ ପୁଲିସ ଓ ସିବିଆଇ ଏକ ଟିମ ସୋମବାର ସକାଳୁ ସଲମାନଙ୍କ ଗାଲେକ୍ସି ଆପାର୍ଟମେଂଟରେ ପହଁଚିଛି । ପରିବାର ଲୋକଙ୍କ ବୟାନ ରେକର୍ଡ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି ପୁଲିସ । ରବିବାର କିଛି ଅଜ୍ଞାତ ବ୍ୟକ୍ତି ସଲମାନ ଓ ତାଙ୍କ ବାପା ସଲିମ ଖାନଙ୍କୁ ହତ୍ୟା କରିବା ନେଇ ଧମକପୂର୍ଣ୍ଣ ଚିଠି ଦେଇଥିଲେ । ବଲିଉଡ ତାରକାଙ୍କୁ ଏଭଳି ଧମକ ମିଳିବା ଘଟଣ ଚର୍ଚ୍ଚା ସୃଷ୍ଟି କରିଛି । ଜୁନ ୫ ତାରିଖ । ରବିବାର । ପ୍ରତିଦିନ ପରି ମର୍ଣ୍ଣ ୱାର୍କରେ ଯାଇଥିଲେ ▶▶ପୃଷ୍ଠା ୭

## ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ : ଉପକୂଳରେ ଗୁଳୁଗୁଳି ଜାରି ରହିବ

ଭୁବନେଶ୍ୱର, ୦୬/୦୬ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଉପକୂଳ ଓଡ଼ିଶାରେ ଅସହ୍ୟ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଆଗାମୀ ୩ ଦିନ ଯାଏଁ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ଗ୍ରୀଷ୍ମ-ପ୍ରବାହ ଲାଗିରହିବ ଏବଂ ଉପକୂଳରେ ଗୁଳୁଗୁଳି ହେବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ, ଉପକୂଳ ଓଡ଼ିଶାର ୧୪ଟି ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ରହିଥିବା ବେଳେ ପଶ୍ଚିମ ଓଡ଼ିଶାର ୪ ଜିଲ୍ଲାରେ ପ୍ରବଳ ଗୀଷ୍ମ ପ୍ରବାହ ଜାରି ରହିବ । ଅପରପକ୍ଷରେ ଏହି ସବୁ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର । ସୁନ୍ଦରଗଡ୍, ଦେବଗଡ୍, ଝାରସୁଗୁଡ଼ା, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, କୋରାପୁଟ, ମାଲକାନାଗିରି ଓ ରାୟଗଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୧୪ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ ବରଗଡ, ସୋନପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ର ପ୍ରଭାବ ଦେଖାଦେବ । ତେଣୁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି ।

# ବିଶ୍ୱ ପରିବେଶ ଦିବସରେ ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ମାଲକାନଗିରି ,୦୬/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ର ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଗତ ମାସ ୩୦ ତାରିଖ ଠାରୁ ଚଳିତ ମାସ ୨ ତାରିଖ ପର୍ଯ୍ୟନ୍ତ ଦଣ୍ଡକାଳୀ ମନ୍ଦିର ପୂଜା ପାଠ ସହ ହୋମ ଯଜ୍ଞ କରି ମହା ଧୁମ ଧାମରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଶେଷ ହୋଇଯାଇଛି । ମନ୍ଦିରର ସୌନ୍ଦର୍ଯ୍ୟ ବଢ଼ାଇବା ସହ ଗଛର ଆବଶ୍ୟକତା ରହିଥିବା ବେଳେ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ବନ ବିଭାଗ ଏବଂ ଜିଲ୍ଲା ସମ୍ବାଦ ସାହିତ୍ୟ ଆସର ପକ୍ଷରୁ ମନ୍ଦିର କମିଟିର ସଦସ୍ୟଙ୍କୁ ନେଇ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇ ଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବନାଂଚଳ ଅଧିକାରୀ ଜଗନ୍ନାଥ ବିଶୋଇ ଯୋଗ ଦେଇଥିବା ବେଳେ ସଂମାନିତ ଅତିଥି ଭାବେ ସମ୍ବାଦ ସାହିତ୍ୟ ଆସରର ସଭାପତି ଡା. ରଞ୍ଜନ ସ୍ୱାଇଁ ଏବଂ ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ହରିସ ରୁ ପାଲ ଯୋଗ ଦେଇଥିଲେ । ମନ୍ଦିର କମିଟିର ସଭ୍ୟମାନେ ତଥା ସମ୍ପାଦକ ହେମନ୍ତ ମହାରଣା, କାର୍ଯ୍ୟ କାରିଣୀ ସମ୍ପାଦକ ପ୍ରକାଶ ଖଟାଇ,ମନ୍ଦିର ପୂଜକ ରବୀନ୍ଦ୍ର ସାହୁ, ସୀମାଂଚଳ ପାଣିଗ୍ରାହୀ ପ୍ରମୁଖ ଆଜିର ବୃକ୍ଷ ରୋପଣ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷକ ସୁକାନ୍ତ ସାହୁ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତାରକ ମଣ୍ଡଳ ଙ୍କ ସମେତ ବନ ବିଭାଗ ର କିଛି କର୍ମଚାରୀ ଏବଂ ଅଧ୍ୟାପକ ଡା. ଗୋକୁଳାନନ୍ଦ ପାତ୍ର, ଗୌତମ ନାୟକ , ଶିକ୍ଷୟତ୍ରୀ ପ୍ରତିମା ନାୟକ ଏବଂ ବିଜେପିର ନଗର ସମ୍ପାଦକ ମାଣିକ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ମନ୍ଦିର ପରିସରରେ ଅଳା , ବଉଳ କଦମ୍ବ ଗଛ ଏହିଭଳି ଅନେକ ବୃକ୍ଷ ରୋପଣ କରିଥିଲେ । ବୃକ୍ଷ ରୋପଣ ପରେ ଶ୍ରୀ ସ୍ୱାଇଁ ଏବଂ ରେଞ୍ଜ ଅଫିସର ଶ୍ରୀ ବିଷୋୟୀ ପରିବେଶ ଦିବସ ଉପରେ ତଥା ବୃକ୍ଷ ରୋପଣର ଉପକାରିତା ଏବଂ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବୃକ୍ଷ ରୋପଣ ଓ ବୃକ୍ଷ ର ଯତ୍ନନେବା ନିହାତି ଜରୁରୀ ବୋଲି ମଧ୍ୟ କହିଥିଲେ ।

# ପାଣି ସମସ୍ୟା ପାଇଁ ଖଜୁରୀପଡା ବନ୍ଧ ସାହି ଛକରେ ରାସ୍ତା ଅବରୋଧ

କନ୍ଧମାଳ ,୦୬/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବନ୍ଧାସାହି ଛକରେ ଆଜି ଅପରାହ୍ନରେ ପ୍ରାୟ ଏକ ଘଣ୍ଟା ଧରି ରାସ୍ତା ଅବରୋଧ ବନ୍ଧସାହି ଗ୍ରାମବାସୀ ଙ୍କ ତରଫରୁ କରାଯାଇଥିଲା । ସ୍ଥାନିୟ ବାସିନ୍ଦା ଙ୍କ ଅଭିଯୋଗ ଯେ ସେମାନେ ଅନେକ ସମୟରେ ପାଇପ୍ ଜଳ ଯୋଗାଣ ରୁ ବଂଚିତ ହେବା ସହ ପ୍ରଚଣ୍ଡ ଗ୍ରୀଷ୍ମ ରେ ହନ୍ତସନ୍ତ ହେଉଛନ୍ତି । ଏନେଇ ଜଳ ଯୋଗାଣ ଦାଇତ୍ୱ ବହନ କରୁଥିବା ରବୀନ୍ଦ୍ର ସାହୁ ଙ୍କୁ ବାରମ୍ବାର କହିବା ସତ୍ୱେ ମଧ ସେ ନିଜ ଇଚ୍ଛା ରେ ଜଳଯୋଗାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତା ଅବରୋଧ ସୂଚନା ପାଇ ଖଜୁରୀପଡ଼ା ତହସିଲଦାର ପୋଲିସ ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ପହଂଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଆସନ୍ତାକାଲି ପଂଚାୟତ ସମିତି ରେ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ପାନୀୟ ଜଳ ସମସ୍ୟା ଦୁରକରିବାକୁ ନିଶ୍ଚିତ ଚେଷ୍ଟା କରିବା ବୋଲି ପ୍ରତିଶୃତି ଦେବା ପରେ ଗ୍ରାମବାସୀ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ । ଖଜୁରୀପଡ଼ା ସରପଂଚ ମନୋରଞ୍ଜନୀ ଜାନୀ ଙ୍କ ପ୍ରତିନିଧି ମହେନ୍ଦ୍ର ଜାନୀ ଘଟଣା ସ୍ଥଳରେ ପହଂଚି ତୁରନ୍ତ ପାଣି ଛାଡ଼ିବାକୁ କହିଥିଲେ ଏବଂ ପାଣି ସମସ୍ୟା ଦୂର କରିବାକୁ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା ।

# ଡାକ୍ତର ଋତୁପୂର୍ଣ୍ଣା ଶିବାନୀ ଦଣ୍ଡସେନାଙ୍କ ପ୍ରୟାସରେ ୨୦ ଜଣ ଛାତ୍ରୀଙ୍କୁ ସୋଲାର ଲାଇଟ ବଂଟନ

ନୂଆପଡ଼ା,୦୬/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କେନ୍ଦୁପାଟୀ, ଲାଞ୍ଜି ଓ ବିରିଘାଟ ଗ୍ରାମ ପଂଚାୟତରେ ପାଠ ପଢୁଥିବା ୨୦ ଜଣ ଛାତ୍ରୀ ମାନଙ୍କୁ ଡାକ୍ତର ଋତୁପୂର୍ଣ୍ଣା ଶିବାନୀ ଦଣ୍ଡସେନାଙ୍କ ପ୍ରୟାସରେ ସୋଲାର ଲାଇଟ ମାଗଣାରେ ବଂଟନ କରାଯାଇଛି । ବର୍ତ୍ତମାନ ତାଙ୍କ ଦ୍ୱାରା ପରିଚାଳିତ ପ୍ରକଳ୍ପ ଜିଜ୍ଞାସା ଓ ହାଇଦ୍ରାବାଦର ଅଦିତି ସୋଲାର କମ୍ପାନୀ ମିଶି ଅବହେଳିତ ଗରିବ ଝିଅ ମାନଙ୍କୁ ପାଠ ପଢିବା ପାଇଁ ସୋଲାର ଲାଇଟ ବଂଟନ କରୁଛନ୍ତି । ଋତୁପର୍ଣ୍ଣା କରୋନା ମହାମାରୀ ସମୟରେ ଭୁବନେଶ୍ୱର ସହରର ପାଖାପାଖି ଅଂଚଳକୁ ଯାଇ ଗରିବ ପାଠୁଆ ଝିଅ ମାନଙ୍କୁ ମାଗଣାରେ ସ୍ମାର୍ଟ ଫୋନ ପ୍ରଦାନ କରି ଅନଲାଇନ କ୍ଲାସ କରି ସାହାଯ୍ୟ କରିଥିଲେ । ସେହି ସମୟରେ ସାରା ଓଡ଼ିଶାରେ ତାଙ୍କର ତାଙ୍କର ପ୍ରୟାସ ବେଶ ପ୍ରଶଂସିତ ହୋଇଥିଲା । ଡାକ୍ତର ଋତୁପୁର୍ଣ୍ଣା ବର୍ତମାନ ଭୁବନେଶ୍ୱର ସ୍ଥିତ ଆଇସିଏମଆରରେ ଏମପିଏଚ ଅଧ୍ୟୟନ ରତ । ଏହି ଯୁବା ଡାକ୍ତରଙ୍କ ସାମାଜିକ କାର୍ଯ୍ୟ ପାଇଁ ହରିୟାଣା ରାଜ୍ୟ ରୁ ତେଜସ୍ୱନୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ସୂଚନା ଥାଉଁ ସେ ଚଳିତ ବର୍ଷର ସମ୍ମାନସ୍ୱଦ ଫେମିନା ମିସ ଇଣ୍ଡିଆରେ ଓଡ଼ିଶାର ଟପ ୫ ରେ ସ୍ଥାନ ପାଇଛନ୍ତି । ସେ ନୂଆପଡା ଜିଲ୍ଲା ଖଡିଆଳ ସହରର ଇଂ ସୁନୀଲ କୁମାର ଦଣ୍ଡସେନା ଓ ରଶ୍ମିତା ଦଣ୍ଡସେନାଙ୍କ ଝିଅ ଅଟନ୍ତି । ରବିବାର ଖଡିଆଳ ବ୍ଲକ ତିନୋଟି ପଂଚାୟତ ର ୨୦ ଜଣ ଛାତ୍ରୀଙ୍କୁ ସୋଲାର ଲାଇଟ ବଂଟନ ସମୟରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସାମାଜର ପୂର୍ବତନ କୁଳପତି ତଥା ବର୍ତ୍ତମାନର ବରିଷ୍ଠ ପରାମର୍ଶ ଦାତା ଜିତେନ୍ଦ୍ର ସିଂହ ବାରିକ, କେନ୍ଦୁପାଟୀ ସରପଂଚ ଚନ୍ଦ୍ରକୁମାର ଷଣ୍ଢ, ସମିତି ସଭ୍ୟ ବିଣାପାଣି ନାୟକ ଉପସ୍ଥିତ ଥିଲେ ।

## ଆଦର୍ଶ ମେଧା ଅନ୍ୱେଷଣ ପ୍ରତିଯୋଗିତାରେ ଭାଗନେଲେ ୮୩ ସ୍କୁଲର ୧୨୩୧ ପ୍ରତିଯୋଗୀ

ଘସିପୁରା ,୦୬/୦୬ (ନି.ପ୍ର): ଆଦର୍ଶ ସେବା ସଂଘ ପକ୍ଷରୁ ମେଧା ଅନ୍ୱେଷଣ ପ୍ରତିଯୋଗିତା ଉତ୍ସାହର ସହିତ ଆୟୋଜିତ ହୋଇଯାଇଛି । ହୋଟେଲ୍ ଗାୟତ୍ରୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୮୩ଟି ବିଦ୍ୟାଳୟରୁ ୧୨୩୧ ପ୍ରତିଯୋଗୀ ସାମିଲ ହୋଇଥିଲେ । ପ୍ରଥମ ଶ୍ରେଣୀରୁ ୧୦ମ ଶ୍ରେଣୀ ମଧ୍ୟରେ ବିଭାଗରେ ମାନସାଙ୍କ, ସାଧାରଣଜ୍ଞାନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା । ସଂଘ ସଭାପତି ଯଜ୍ଞ ପ୍ରସାଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉପ ସଭାପତି ଧବଳେଶ୍ୱର ସାହୁ, ଶୈଳ ରଞ୍ଜନ ସାହୁ, ସୌମ୍ୟରଞ୍ଜନ ସାହୁ, ମାନସ ସାହୁ, ଶାଶ୍ୱତ ରଞ୍ଜନ ସାହୁ, ବିଶ୍ୱନାଥ ସ୍ୱାଇଁ, ବଳରାମ ସାହୁ, ଦାମୋଦର ସାହୁ, ଦେବେନ୍ଦ୍ର ରାଉଳ, ଦେବେନ୍ଦ୍ର ବେହେରା, ସିପୁନ ସାହୁ, ଶିବ ସିଂ, ବିଜୟ ବେହେରା, ଅଜୟ ବେହେରା, ପ୍ରମୁଖ ପରିଚାଳନା କରିଥିଲେ । ସମସ୍ତ କୃତି ପ୍ରତିଯୋଗୀଙ୍କୁ ଜୁନ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆଦର୍ଶ ରଜ ଉତ୍ସବ ସମାରୋହରେ ପୁରସ୍କୃତ କରାଯିବ ବୋଲି ଶ୍ରୀ ପ୍ରସାଦ ସୂଚନା ଦେଇଛନ୍ତି । ସେହିପରି ପ୍ରତିଦିନ ରଜ ସନ୍ଧ୍ୟାରେ ପିଠା, ପୁଚି, ଶଙ୍ଖ ନାଦ, ହୁଳହୁଳି, ମିଉଜିକ୍ ଚେୟାର, ଦଉଡ଼ି ଡ଼ିଆଁ ଆଦି ପ୍ରତିଯୋଗିତା ହେବ ବୋଲି ଯଜ୍ଞ ପ୍ରସାଦ କହିଛନ୍ତି ।

# ଅଟୋ ଚାଳକ ଓ ପୋଲିସ ବୈଠକ

ପୁରୀ,୦୬/୦୬ (ନି.ପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଓ ସ୍ନାନଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ସହରରେ ଚଳାଚଳ କରୁଥିବା ଅଟୋରିକ୍ସା ଗୁଡ଼ିକୁ ନିୟନ୍ତ୍ରିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଟୋଚାଳକ, ଅଟୋସଂଘର କର୍ମକର୍ତା, ଟ୍ରାଫିକ ପୋଲିସ ଓ ପୋଲିସ ଅଧିକାରୀମାନେ ମିଳିତ ହୋଇ ଆଲୋଚନା କରିଥିଲେ । ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମାନଙ୍କୁ ଉତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଅଟୋଚାଳକ ମାନଙ୍କୁ ପରମର୍ଶ ଦିଆଯାଇଥିଲା । ପ୍ରତି ଅଟୋରିକ୍ସାରେ ରେଟ୍‌ଚାଟ ଓ ପୋଲିସ ହେଲପଲାଇନ ନମ୍ବର ପ୍ରଦର୍ଶିତ ହେବ । ଯେଉଁ ଅଟୋ ରେଟ୍‌ଚାଟ ଓ ପୋଲିସ ହେଲପଲାଇନ ମାରିନଥିବେ ସେମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଶ୍ରୀଗୁଣ୍ଡିଚା ,ବାହୁଡ଼ାଯାତ୍ରା, ସୁନାବେଶରେ ଅଟୋ ଚଳାଚଳ ବନ୍ଦ ରହିବ । ପ୍ରତି ଅଟୋଚାଳକମାନେ ମହାସଂଘର ଲୋଗୋ ଷ୍ଟିକର ଅଟୋରେ ଲଗାଇବେ । ଅଟୋଗୁଡ଼ିକ ଯେପରି ଅତ୍ୟଧିକ ଭଡ଼ା ଯାତ୍ରୀଙ୍କ ଠାରୁ ଆଦାୟ ନକରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ବୁଲିବ । ଗହଳି ସମୟରେ ସାହି ଗଳି କନ୍ଦିରେ ଅଟୋ ପ୍ରବେଶ ନକରିବା ପାଇଁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଏସପି ମିହିର କୁମାର ପଣ୍ଡା,ସହରାଞ୍ଚଳ ଉପଆରକ୍ଷୀ ଅଧିକ୍ଷକ ଜନାର୍ଦ୍ଦନ ପାଢୀ, ସିଂହଦ୍ୱାର ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ, ଟ୍ରାଫିକ ଇନ୍ସପେକ୍ଟର ସମରେନ୍ଦ୍ର ପାଇକରାୟ,ସମୁଦ୍ରକଳ ଥାନା ଇନ୍ସପେକ୍ଟର ଚିନ୍ମୟ ରାଉତ, ବଳିଆପଣ୍ଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଟ୍ରାଫିକ ଡ଼ିଏସପି ମନୋବ୍ରତା ଶତପଥୀ, ଟାଉନଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ, କୁମ୍ଭାରପଡ଼ା ଆଇଆଇସି, ଆରଟିଓଙ୍କ ସମେତ ଅଟୋଚାଳକ ମହାସଂଘର ଦୁର୍ଗାଚରଣ ଖୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ବଲାଙ୍ଗୀର ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ ବୈଠକ

ବଲାଙ୍ଗିର,୦୬/୦୬ (ନି.ପ୍ର): ସ୍ଥାନୀୟ ଓଷ୍ଟା ଭବନ ଠାରେ ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ବୈଠକ ଅବନି କୁମାର ତ୍ରିପାଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉପଦେଷ୍ଟା ସୁଧାଂଶୁ ଶେଖର ବାବୁ, ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଉପସ୍ଥିତ ରହି ଚଳିତ ମାସ ୯ ତାରିଖ ରେ ରାଜ୍ୟସ୍ତରୀୟ ଆନ୍ଦୋଳନରେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରି ଉତ୍ସାହିତ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଭାବେ ତାରାକାନ୍ତ ମିଶ୍ରଙ୍କୁ ମନୋନିତ କରାଯାଇଥିଲା । ବୈଠକରେ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହୋଇ ଆଗାମୀ ଦିନରେ ସମାଧାନ କରିବା ପାଇଁ ଆଲୋଚନା କରାଯାଇଥିବା ବେଳେ ବିଭିନ୍ନ ବ୍ଲକମାନଙ୍କରେ ଆଗାମୀ ଦିନରେ ବୈଠକ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା । ଆଜିର ଏହି ବୈଠକରେ ଜିଲ୍ଲା ସଂପାଦକ କୁଶଧ୍ୱଜ ସାହୁ ସଂଯୋଜନା କରିଥିଲେ । ସୁଧିର ନାଏକ, ଶଙ୍କର ମିଶ୍ର, ପୂର୍ଣ୍ଣ ମେହେର, ପୁରୁଷୋତମ ବାଗ, ବରୁଣ ସାହୁ, ସଙ୍ଗିତାଞ୍ଜଳି ମିଶ୍ର, ରଂଜିତା ମିଶ୍ର, ପ୍ରଦୀପ ପୁଟେଲ, ଗୋବିନ୍ଦ ବଗର୍ତି ପ୍ରମୁଖ ସଭ୍ୟ ସଭ୍ୟା ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

# ପ୍ରଥମ ଦିନରେ ୪୦ ବ୍ଲକ୍‌ରେ ୧୧୦୦ରୁ ଅଧିକ ଚାରାରୋପଣ

ଭୁବନେଶ୍ୱର ,୦୬/୦୬ (ନି.ପ୍ର):ବିଶ୍ୱ ପରିବେଶ ଦିବସ ଅବସରରେ 'ସମ୍ବାଦ-ସାହିତ୍ୟ ଘର' ପକ୍ଷରୁ ବୃକ୍ଷରୋପଣ ଅଭିଯାନ ଆରମ୍ଭ ହୋଇଛି । ଅଭିଯାନର ପ୍ରଥମ ଦିନରେ ୪୦ଟି ସାହିତ୍ୟ ଘର ଶାଖା ପକ୍ଷରୁ ୪୦ଟି ବ୍ଲକ୍‌ରେ ୧୧୦୦ରୁ ଅଧିକ ଚାରାରୋପଣ କରାଯାଇଛି । ରବିବାର ଦିନ ସମ୍ବାଦ-ସାହିତ୍ୟ ଘରର ଓଡ଼ଗାଁ, ରାଉରକେଲା, ସୁନ୍ଦରଗଡ଼, କୁତ୍ରା, ବଡ଼ଗାଁ, ବାଲିଶଙ୍କରା, କୁତୁମୁଲୁଗୁମା, ବାଲିକୁଦା, ଏରସମା, କଟକ ସଦର, ନିଆଳି, ମାହାଙ୍ଗା, ସାଲେପୁର, ଟାଙ୍ଗୀ, ଚେ ?ଦ୍ୱାର, ବାଙ୍କି, କଣ୍ଟାପଡ଼ା, ନରସିଂହପୁର, ତିଗିରିଆ, ଆଠଗଡ଼, ମାଣିଆବନ୍ଧ, ନିଶ୍ଚିନ୍ତକୋଇଲି, ବୟାଳିଶମୌଜା, ଡମପଡ଼ା, କିଷନନଗର, ବାରଙ୍ଗ, ଝାରସୁଗୁଡ଼ା, କୁଚିଣ୍ଡା, ଗୁଡ଼ଭେଲା, ଯାଜପୁର ସଦର, ବ୍ରାହ୍ମଣୀଦେବୀ, ବଡ଼ବିଲ, ଭଞ୍ଜନଗର, ପାରଳାଖେମୁଣ୍ଡି, ବାଲେଶ୍ୱର ସଦର, ବାରିପଦା, ରାଇରଙ୍ଗପୁର, ବିଜାତଳା, ଠାକୁରମୁଣ୍ଡା ଓ ତିହିଡ଼ି ଆଦି ୪୦ଟି ଶାଖା ପକ୍ଷରୁ ପ୍ରାଥମିକ ଭାବେ ଚାରାରୋପଣ ଆରମ୍ଭ ହୋଇଛି । ଏହି ଅଭିଯାନ ଅଗଷ୍ଟ ୧୮ ତାରିଖ ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ମାସ ଧରି ଚାଲିବ । ଓଡ଼ିଶାର ୩୧୪ଟି ଯାକ ବ୍ଲକ୍‌ରେ ଏକ ଲକ୍ଷରୁ ଅଧିକ ବୃକ୍ଷରୋପଣ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ରହିଛି । ତେବେ କେବଳ ଗଛ ଲଗାଇବା ନୁହେଁ, ଉକ୍ତ ଗଛଗୁଡ଼ିକର ଉପଯୁକ୍ତ ଯତ୍ନ ନେବା ସହ ପ୍ରତିଟି ଗଛକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଛନ୍ତି 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ । ତେବେ ଯାଇ ଆମର ଏହି ଅଭିଯାନ ସଫଳ ହେବା ସହ ପରିବେଶ ଓ ପ୍ରକୃତି ପାଇଁ ଥିବା ଆମ ଗୁରୁଦାୟିତ୍ୱ ସମ୍ପାଦିତ ହୋଇପାରିବ ବୋଲି ସେ କହିଛନ୍ତି । ଗତବର୍ଷ ଏହି ଅଭିଯାନ ବେଶ୍ ସଫଳତା ହାସଲ କରିଥିବା ବେଳେ ଚଳିତ ବର୍ଷ ଏହା ଆହୁରି ବିଶାଳ ହେବ ଓ ୧ ଲକ୍ଷରୁ ଅଧିକ ଚାରା ଲଗାଯିବ ବୋଲି 'ସମ୍ବାଦ-ସାହିତ୍ୟ ଘର'ର ରାଜ୍ୟ ସଂଯୋଜିକା ଶୁଭଶ୍ରୀ ଲେଙ୍କା ଆଶା ପ୍ରକାଶ କରିଛନ୍ତି ।

# ଖଜୁରିପଡାରେ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହେଲା ଶୀତଳଷଷ୍ଠୀ

କନ୍ଧମାଳ ,୦୬/୦୬ (ନି.ପ୍ର): ଖଜୁରୀପଡ଼ା ସଦମହକୁମା ବରଡକ୍ଷ ବାଲୁଙ୍କେଶ୍ୱର ଶୈବପୀଠରେ ତିନିଦିନ ଧରି ଚାଲିଥିବା ଶିବ ବିବାହ ଶୀତଳଷଷ୍ଠୀ ଉତ୍ସବ ଶାନ୍ତିଶୃଙ୍ଖଳା ସହିତ ସମ୍ପନ୍ନ ହୋଇଛି । ପ୍ରଥମ ଦିନ ରେ ଗ୍ରାମର ଶହ ଶହ ମହିଳା ଏବଂ ଗ୍ରାମବାସୀଙ୍କ ସହ ଶିବମନ୍ଦିର ପରିଚାଳନା କମିଟି କର୍ମକର୍ତା ଙ୍କ ଏକ ବିଶାଳ କଳସ ଶୋଭାଯାତ୍ରା କରାଯାଇ ଖଜୁରୀପଡ଼ା ବଡ଼ ପୋଖରୀ ତୁଠ ରୁ ଜଳ କଳସ ଅଣାଯାଇ ମନ୍ଦିର ବିବାହ ବେଦୀ ରେ ପହଂଚି ଥିଲା । ବାଜା ବାଦ୍ୟ ବାଣ ରୋଷଣୀ ରେ ସହର ଠାରୁ ଗାଁ ପ୍ରକମ୍ପିତ ହୋଇଥିବା ବେଳେ ଦ୍ୱିତୀୟ ଦିନ ଅପରାହ୍ନରେ ପୁନର୍ବାର ବରପିତା ଙ୍କ ଘରୁ ବିବାହ ଶୋଭାଯାତ୍ରା ଆରମ୍ଭ ହୋଇ ସମ୍ପୂର୍ଣ୍ଣ ଖଜୁରୀପଡ଼ା ଅଂଚଳ ପରିକ୍ରମା କରି କନ୍ୟା ପିତାଙ୍କ ଘରକୁ ଯାଇ ବିବାହ ମଣ୍ଡପ ରେ ପହଂଚିଥିଲା । ହଜାର ହଜାର ଶ୍ରଦ୍ଧାଳୁ ଏଂ ଗ୍ରାମବାସୀ ଶିବ ପାର୍ବାଙ୍କର ବିବାହ ଶୋଭାଯାତ୍ରା ରେ ସାମିଲ୍ ହୋଇଥିବା ବେଳେ ବାଦ୍ୟ ବାଣ ରୋଷଣୀ ରେ ଅସମ୍ଭବ ଜନ ଗହଳି ଦେଖିବାକୁ ମିଳିଥିଲା । ଗୋଟିଏ ପଟେ ଶିବ ପାର୍ବତୀ ଙ୍କ ବିବାହ କାର୍ଯ୍ୟ ଚାଲିଥିବା ବେଳେ ସଂଧ୍ୟା ସମୟରେ କଟକ ଜିଲ୍ଲାର ଏକ ସାଂସ୍କୃତିକ ନୃତ୍ୟ ରାମାୟଣ ମହିଳା ମାନଙ୍କ ଦ୍ୱାରା ପରିବେଷଣ ଚାଲିଥିଲା । ମନ୍ଦିର କମିଟି ପକ୍ଷରୁ ଆଗନ୍ତୁକ ଭକ୍ତ ଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ତିନିଦିନ ଧରି ଚାଲିଥିବା ବେଳେ ବର ଏଂ କନ୍ୟା ପିତାଙ୍କ ଘରେ ମଧ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ଶିବ ପାର୍ବତୀ ଙ୍କ ବିବାହ କାର୍ଯ୍ୟ ରେ ଖଜୁରୀପଡ଼ା ଗ୍ରାମର ମାତା ପାର୍ବତୀ ଙ୍କ କନ୍ୟା ପିତାମାତା ଭାବେ ସୁଦାମ ପ୍ରଧାନ ଲଳିତା ପ୍ରଧାନ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଶିବ ଠାକୁର ଙ୍କ ପିତା ଭାବେ ସ ।ର୍ତା ସାହି ର ହେମନ୍ତ ମଲିକ ସୁଚିତ୍ରା ମଲିକ ଦାୟିତ୍ୱ ଗ୍ରହଣ କରିଥିଲେ । ଶିବ ମନ୍ଦିର ସାହିର ସମସ୍ତ ଯୁବକ ମାନେ ବିବାହ ଶୋଭାଯାତ୍ରା ର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଅଧିକାରୀ ଶୈଳ ପ୍ରଧାନ ରଜନୀ ମାଝୀ ପିତାମ୍ବର ସାହୁ ବିଷ୍ଣୁ ଚରଣ ପ୍ରଧାନ ରବୀନ୍ଦ୍ର ପ୍ରଧାନ ପ୍ରମୋଦ କୁମାର ମଲିକ ଅରୁଣ ମଲିକଙ୍କ ସମେତ ଗ୍ରାମର ସମସ୍ତ ମୁରବୀ ସମସ୍ତ ଦାୟିତ୍ୱ ସମ୍ପାଦନ କରିଥିଲେ ।

# ହାଜିରହିମିଆଁ ହାଇସ୍କୁଲର ୧୯୮୩ ମସିହା ମ୍ୟାଟ୍ରିକ୍ ବ୍ୟାଚର ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ

ଧର୍ମଶାଳା,୦୬/୦୬ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ହାଜିରହିମିଆଁ ହାଇସ୍କୁଲ ପରିସରରେ ୧୯୮୩ ମସିହା ମ୍ୟାଟ୍ରିକ୍ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ଓ ରାଜ୍ୟ ବାହାରେ କାର୍ଯ୍ୟରତ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଦୀର୍ଘ ୩୯ ବର୍ଷ ବ୍ୟବଧାନରେ ବନ୍ଧୁ ମିଳିନ ଓ ଗୁରୁ ପୂଜନ ଉତ୍ସବ ଗୁରୁ ଓ ଶିଷ୍ୟ ମଧ୍ୟରେ ପୁଣି ସମ୍ପର୍କ ଗଢି ଉଠିଥିଲା । ପ୍ରାରମ୍ଭରେ ଦିବଙ୍ଗତ ଶିକ୍ଷକ,ଶିକ୍ଷାକର୍ମଚାରୀ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନଶିକ୍ଷାବିତ୍ ପଦ୍ମନାଭ ସାହୁ,ଆଲାଉଦ୍ଦିନ ଖାଁ,ହରିବନ୍ଧୁ ଗିରି,ସେକ୍ ଅବଦୁଲ ହଇ,ଉପେନ୍ଦ୍ର ସାହୁ,ମହମ୍ମଦ ଇବ୍ରାହିମ୍,ବିଷ୍ଣୁ ଚରଣ ସାହୁ,କିଶୋର ଚନ୍ଦ୍ର ଜେନା ଓ ଶିକ୍ଷାକର୍ମଚାରୀ ଅଶୋକ କୁମାର ପାଢୀ ପ୍ରମୁଖ ଯୋଗ ଦେଇ ଅତୀତର ସ୍ମୃତଚାରଣ କରିବା ସହିତ ତାଙ୍କର ପ୍ରାୟ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ କାମନା କରିଥିଲେ । ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷର ପ୍ରକ୍ତନଶିକ୍ଷାବିତ୍‌ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ତଥା ଶିକ୍ଷକ ଚିତ ରଂଜନ ବେହେରା,ଅବଦୁଲ ରସିଦ ଖାଁ,ସେକ୍ ଅମାନତୁଲ୍ଲା,ପ୍ରବର୍ତନ ଅଧିକାରୀ ସୁବାଶ ଚନ୍ଦ୍ର ବଟ,ଶରତ ଚନ୍ଦ୍ର ପାଣ୍ଡେ ଓ ତନବୀର ଅହମ୍ମଦ ଖାଁ ପ୍ରମୁଖ ଯୋଗ ଦେଇ ଗୁରୁଶିଷ୍ୟଙ୍କ ମଧ୍ୟ ଥିବା ସମ୍ପର୍କରୁ ନିଜ ଅନୁଭୂତିକୁ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ପୁରାତନ ଛାତ୍ର ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଡିସେମ୍ବର ମାସରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ନିଷ୍ପତି ନିଆଯାଇଛି । ବିଜ୍ଞାନ ଓ ବୈଷୟିକ ବିଭାଗର କାର୍ଯ୍ୟରତ ଅନୁଶାସନ ସଚିବ ପ୍ରଦୀପ କୁମାର ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଝାରସୁଗୁଡା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଭୀମସେନ ବୁଢା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩ ଜଣ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୦୬/୦୬ (ନି.ପ୍ର): ଗତକାଲି ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୫ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ମାତ୍ର ଜଣେ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୪ଟି ଜିଲ୍ଲାରୁ ୧୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ ।

# ଟିକାକରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୟୁନିସେଫ ଓଡିଶା ଓ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ -ଗଣମାଧ୍ୟମ ସହ ହାତ ମିଳାଇଲେ

କେନ୍ଦୁଝର ,୦୬/୦୬ (ନି.ପ୍ର): ଶିଶୁ ମାନଙ୍କ ଟୀକା କରଣ ପ୍ରକ୍ରିୟାକୁ ମଜବୁତ ତଥା ସଶକ୍ତ କରିବା ଲକ୍ଷ୍ୟରେ ଓଡିଶା ସ୍ୱାସ୍ଥ ଓ ପରିବାର କଲ୍ୟାଣ ବିଭାଗ ସହଯୋଗରେ ୟୁନିସେଫ ଓଡିଶା ଦ୍ୱାରା ଏକ ଭର୍ଚୁଆଲ ମିଡିଆ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଝାରସୁଗୁଡା , କେନ୍ଦୁଝର , ଓ କେନ୍ଦ୍ରାପଡା ଜିଲ୍ଲାରେ ଇଟେଂନସିଫାଏଡ ମିସନ ଇନ୍ଦ୍ରଧନୁଷ ( ଆଇଏମଆଇ )ଏବଂ ପିଲାମାନଙ୍କର କୋଭିଡ ଟିକାକରଣ ବିଷୟରେ ସଚେତନତା କରାଯାଇଛି । କରୋନା ମହାମାରୀ ର ପରବର୍ତୀ ସମୟରେ ଉଭୟ ମା ଓ ଶିଶୁଙ୍କର ପୂର୍ଣ୍ଣ ଟାକାକରଣ ହାରକୁ ବଢାଇବା ପାଇଁ ରାଜ୍ୟରେ ଆଇଏମଆଇ ଆରମ୍ଭ କରାଯାଇଥିଲା । ଏନଏଫଏଚଏସ-୫ର ରିପୋର୍ଟ ଅନୁଯାୟୀ ସଫଳ କୋଭିଡ ଟୀକାକରଣ ବ୍ୟତିତ ୯୦.୫ପ୍ରତିଶତ ପୁର୍ଣ୍ଣ ଟାକାକରଣ କରିବାରେ ଓଡିଶାର ଦେଶରେ ଏକମାତ୍ର ରାଜ୍ୟ ହୋଇପାରିଛି । ରାଜ୍ୟର ୨୦ଜିଲ୍ଲା ପୁର୍ଣ୍ଣ ଟୀକୀରଣ ରେ ୯୦ପ୍ରତିଶତରୁ ଅଧିକ ଥିବା ବେଳେ ୯୦ପ୍ରତିଶତରୁ କମ୍ ଟିକାକରଣ ହାରଥିବା ୧୦ଟି ଜିଲ୍ଲାକୁ ଏବେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଟୀକାକରଣ ଯୁଗ୍ମ ନିର୍ଦ୍ଦେଶକ , ସ୍ୱାସ୍ଥ ଓ ପରିବାର କଲ୍ୟାଣ ବିଭାଗର ଡ.ପ୍ରତିଭା ପ୍ରଧାନ , ଶିଶୁ ସ୍ୱାସ୍ଥ ପରିଚାଳକ ଆର.ଆଇ ଡ. ଶଶୀ ଭୁଷଣ ପଣ୍ଡା , କେନ୍ଦୁଝର ଏଡିପିଏଚଓ ଏଫଡବ୍ଲୁ ଡ. ସୁପ୍ରଭା ବାରିକ ଓ ୟୁନିସେଫର ଡ. ଅନୀଲ ପଟ୍ଟନାୟକ ଆଦି ଯୋଗ ଦେଇଥିଲେ । ୟୁନିସେଫ , ଓଡିଶାର ଡ. ଅନୀଲ ପଣ୍ଡା ଏହି ପ୍ୟାନେଲ ଆରମ୍ଭ କରି ପିଲାମାନଙ୍କ କ୍ଷେତ୍ରରେ ଟୀକାରଣ ଗୁରୁତ୍ୱ ଓ ଏ ବିଷୟରେ ସଚେତନ କରିବା ଦିଗରେ ଗଣମାଧ୍ୟମର ଭୁମିକା ସଂପର୍କରେ ଆଲୋଚନା କରିଥିଲେ । କୋଭିଡ ମହାମାରୀ ସମୟରେ ଟୀକୀରଣକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସଂପର୍କରେ ରାଜ୍ୟ ଟୀକାକରଣ ଯୁଗ୍ମ ନିର୍ଦ୍ଦେଶକ , ସ୍ୱାସ୍ଥ ଓ ପରିବାର କଲ୍ୟାଣ ବିଭାଗର ଡ.ପ୍ରତିଭା ପ୍ରଧାନ କହିଥିଲେ ଯେ କୋଭିଡ ପ୍ରତିବନ୍ଧକ ସତ୍ୱେ ରାଜ୍ୟ ସରକାର ନିୟମିତ ଟାକାକରଣକୁ ଧ୍ୟାନ ଦେଇ ଆସୁଛନ୍ତି । ଯେତେବେଳେ ସ୍ୱାସ୍ଥ କର୍ମୀମାନେ କରୋନା କାମରେ ବ୍ୟସ୍ତଥିଲେ ସେତେବେଳେ ସ୍ୱତନ୍ତ୍ର ଟାକାକରଣକାରୀଙ୍କୁ ବାହାରୁ ଅଣାଯାଇ ନିୟମତ ଟୀକୀକରଣ କରାଯାଉଥିଲା । କଟେଂନମେଟଂ ଜୋନରେ ପିଲାମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ବ୍ୟବସ୍ଥା କରାଯାଇଥିଲା । ଏସବୁକୁ ଆଧାର କରି ଓଡିଶା ପୁର୍ଣ୍ଣ ଟୀକୀକରଣରେ ୯୦.୫ପ୍ରତିଶତ ହାସଲ କରି ଦେଶରେ ଶ୍ରେଷ୍ଠ ହୋଇପାରିଛି । କେନ୍ଦୁଝର ଟୀକୀକରଣ ହାର ସ୍ଥିତିକୁ ନେଇ ଜିଲ୍ଲାର ଏଡିପିଏଚଓ , ଏଫଡବ୍ଲୁ , ଡ. ପ୍ରଣନୀତି ନାଏକ କହିବାନୁଶାରେ କେନ୍ଦୁଝର ଏକ ଆଦିବାସୀ ବହୁଳ ଜିଲ୍ଲା ହେଲେ ମଧ୍ୟ ଆମେ ପୁର୍ଣ୍ଣ ଟୀକୀକରଣ ହେଉ କିମ୍ବା ଗର୍ଭବତୀ ମହିଳାମାନଙ୍କ ଟୀକୀକରଣ ହେଉ , ମିଶନ ଇନ୍ଦ୍ରଧନୁଶ କାର୍ଯ୍ୟକ୍ରମ ଦ୍ୱାରା ଅତୁଳନାୟ ସଫଳତା ହାସଲ କରିଛୁ । ଏବଂ ମିଶନ ଇନ୍ଦ୍ରଧନୁଶ ମାଧ୍ୟମରେ ଏ ପର୍ଯ୍ୟନ୍ତ ୯୯ ପ୍ରତିଶତ ସଫଳତା ହାସଲ କରିପାରିଛୁ । ସେଭଳି କୋଭିଡ ଟୀକୀକରଣରେ କୋଭିସିଲ୍ଡର ପ୍ରଥମ ଡୋଜରେ ୯୩.୨ ପ୍ରତିଶତ , ଦ୍ୱିତୀୟ ଡୋଜରେ ୯୨ ପ୍ରତିଶତ , କୋଭାକ୍ସିନରେ ୯୬ପ୍ରତିଶତ, କୋର୍ବେବାକ୍ସରେ ୧୦୭ପ୍ରତିଶତ ସଫଳତା ହାସଲ କରିଛୁ । ମାତ୍ର ୬୦ବର୍ଷ ବୟସର ପ୍ରିକସନ ଡୋଜର ସଫଳତା ହାର ସନ୍ତୋଷଜନକ ନୁହେଁ । ଏଥିପାଇଁ ସଚେତନତାର ଦୃଢିକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଅନୁରୁପ ଭାବେ କେନ୍ଦ୍ରାପଡାର ଟୀକୀକରଣ କ୍ଷେତ୍ରରେ , ପ୍ରଥମ ଡୋଜର ଅତୁଳନୀୟ ସଫଳତା ପରେ ଦ୍ୱିତୀୟ ଡୋଜ କଭରେଜ ହାର ୮୫ପ୍ରତିଶତ ରହିଥିବାରୁ ଏହାର ବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ଡ. ସଚ୍ଚିଦାନନ୍ଦ ମିଶ୍ର କହିଥିଲେ । ସେଭଳି ଝାରସୁଗୁଡା ସଂପର୍କରେ ଡ.ସୁପ୍ରଭା ବାରିକ କହିଥିଲେ ଯେ ଟୀକୀକରଣ ପ୍ରକ୍ରିୟାରେ ଏହି ଜିଲ୍ଲା ୯୭.୬ପ୍ରତିଶତ ସଫଳତା ହାସଲ କରିଥିଲେମଧ୍ୟ ସ୍ଥିତିରେ ଉନ୍ନତି ଆଣିବାର ପ୍ରକ୍ରିୟା ଜାରି ରହିଛି । ଏହି ଅବସରରେ ଶିଶୁସ୍ୱାସ୍ଥ ପରିଚାଳକ ଡ.ଶଶୀଭୁଷଣ ପଣ୍ଡା ଟୀକୀରଣ ଟୀକୀରଣ ସଂପର୍କରେ ଲୋକଙ୍କମଧ୍ୟରେ ଅଧିକ ସଚେତନତା ସୃଷ୍ଟି ଲାଗି ସାମ୍ବାଦିକମାନଙ୍କୁ ଅନୁରୋଧ କରିଥିଲେ ।

# ବଡ଼ମ୍ବା କୋଭିଡ୍ କେୟାର ସେଣ୍ଟର ସାମଗ୍ରୀ ଗାଏବ

କଟକ : କୁଆଡେ ଗଲା ବଡ଼ମ୍ବା କୋଭିଡ୍ କେୟାର ସେଣ୍ଟର(ସିସିସି)ର ସାଢ଼େ ୪ଲକ୍ଷ ଟଙ୍କାର ସାମଗ୍ରୀ ୧ଲକ୍ଷ ୬୮ହଜାର ଟଙ୍କାର ୨୪ଟି ଆଣ୍ଟି-ବାକ୍ଟେରିଆଲ ବେଡ୍, ୧ଲକ୍ଷ ୫୩ହଜାର ଟଙ୍କ ?ାର ୬୪ଟି ପଙ୍ଖା, ଏକ୍‌ଜଷ୍ଟ ଫ୍ୟାନ୍ ଠାରୁ ଆରମ୍ଭ କରି ୧୪ପ୍ରକାର ସାମଗ୍ରୀ । ୬ମାସ ତଳୁ ବନ୍ଦ ଥିବା କୋଭିଡ୍ କେୟାର ସେଣ୍ଟରରୁ ଏତେ ପ୍ରକାର ସାମଗ୍ରୀ ଚୋରି ହୋଇଥିବା ସଂପର୍କରେ ବିଡିଓ ୧୫ଦିନ ତଳେ ବଡ଼ମ୍ବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ହେଲେ ୨୪ଟି ବେଡ୍ ଓ ଫଙ୍ଖା ଭଳି ଏତେଗୁଡ଼ିଏ ସାମଗ୍ରୀ ଚୋରି ହେଲା, ନା ଏହାକୁ ଗାଏବ୍ କରିଦିଆଯାଇଛି... ତାକୁ ନେଇ ସବୁ ମହଲରେ ଚର୍ଚ୍ଚା । ତେବେ ୫ମାସ ତଳୁ ଅବସର ନେଇଥିବା ସହକାରୀ ଯନ୍ତ୍ରୀ ଚାର୍ଜ ଦେଉନଥିବା ଓ ହଠାତ୍ ଗତମାସରେ ସାଢେ ୪ଲକ୍ଷ ଟଙ୍କାର ସାମଗ୍ରୀ ନଥିବା ନେଇ ବିଡିଓଙ୍କୁ ଲିଖିତ ଅଭିଯୋଗ କରିବା ଓ ଏହାପରେ ବିଡିଓ ଥାନାରେ ଏତଲା ଦେବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି । ଜଣୈକ ଯନ୍ତ୍ରୀ ଅବସର ପରେ ବି ଦାୟିତ୍ୱ ହସ୍ତାନ୍ତର ନକରିବା ଓ ବିଡିଓ ମଧ ଏହି ଘଟଣାରେ ପ୍ରଶାସନକୁ ଅନ୍ଧାରରେ ରଖିଥିବାରୁ ଏହି ଘଟଣା ପଛରେ ଏକ ବଡ ରହସ୍ୟ ରହିଥିବା ସାଧାରଣରେ ଆଲୋଚନା ହେଉଛି । ପୁଲିସ ବି ଏବେ ଅନ୍ଧାରରେ ବାଡି ବୁଲାଇବା ଭଳି ସ୍ଥିତିରେ । ହେଲେ, ଏହି ୧୪ପ୍ରକାର ସାମଗ୍ରୀ କେବେଠୁ ଚୋରି ହେଲାଣି, ସେ ତଥ୍ୟ ବି କାହା ପାଖରେ ନାହିଁ । ଅଭିଯୋଗ ପରେ ପୁଲିସ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଂଚ କରିଥିଲେ ବି ସେମାନଙ୍କର 'ବ୍ୟାକ୍-ଅପ୍ ନଥିବାରୁ କିଛି ତଥ୍ୟ ମିଳିପାରୁନି । ବଡ଼ମ୍ବା କଲେଜ ଏସ୍‌ସି/ ଏସ୍‌ଟି ହଷ୍ଟେଲ ପରିସରରେ ଖୋଲାଯାଇଥିଲା କୋଭିଡ୍ କେୟାର ସେଣ୍ଟର ଉକ୍ତ ସିସିସି ଗଲା ୨୦୨୧, ଅଗଷ୍ଟ ୩୧ରୁ ବନ୍ଦ ହେଲାଣି । ଏହା ପରେ ସେଥିରେ ଥିବା ସମସ୍ତ ସାମଗ୍ରୀ ବ୍ଲକ୍ ଅଧୀନରେ ରହିଥିଲା । ତେବେ ଏହି ସିସିସି ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଅଶୋକ ଦାଶ ଗଲା ନଭେମ୍ବର ୧୧ରୁ ଅବସରଗ୍ରହଣ କରିଥିବା ଜଣାପଡ଼ିଛି । ଅନ୍ୟପଟେ ସହକାରୀ ଯନ୍ତ୍ରୀ ଅବସର ପରେ ବି ଚାର୍ଜ ଦେଉ ନଥିବା ଓ କୋଭିଡ୍ କେୟାର ସେଣ୍ଟର ଖୋଲାମେଲା ହୋଇ ପଡିଥିବା ଅଭିଯୋଗ ପରେ ବ୍ଲକ୍ ପକ୍ଷରୁ ଏହାର ଖୋଳତାଡ କରାଯାଇଥିଲା । କିନ୍ତୁ ସେତେବେଳକୁ କିଛି ନଥିଲା । ଅନ୍ୟପଟେ ଏହି କେନ୍ଦ୍ରରେ ଥିବା ୧ଲକ୍ଷ ୬୮ହଜାର ଟଙ୍କାର ୨୪ଟି ଆଣ୍ଟି ବାକ୍ଟେରିଆଲ ବେଡ୍, ୧ଲକ୍ଷ ୫୩ହଜାର ଟଙ୍କାର ୬୪ଟି ପଙ୍ଖା, ୧୧ହଜାର ୨ଶହ ଟଙ୍କାର ଏକ୍‌ଜଷ୍ଟ ଫ୍ୟାନ୍, ୮୫ଟି ଟ୍ୟୁବ୍‌ଲାଇଟ୍ ଯାହାର ମୂଲ୍ୟ ୨୯,୭୫୦ ଟଙ୍କା, ଦୁଇଟି ଲୁହାର ଥାକ, ୧୨ଟି ସୁପ୍ରିମ୍ ଚେୟାର, ପିଭିସି ଡୋର, ୩୦ ପ୍ଲାଷ୍ଟିକ୍ ଥାକ ଓ ପାଇପ୍ ଭଳି ୧୪ପ୍ରକାର ସାମଗ୍ରୀ ଚୋରି ହୋଇଥିବା ନେଇ ଅବସର ନେବାର ୫ମାସ ପରେ, ଅର୍ଥାତ୍ ଗତ ମାସ ୧୮ତାରିଖରେ ଲିଖିତ ଭାବେ (୪ଲକ୍ଷ ୪୮ହଜାର ୯୫୦ଟଙ୍କା) ଜଣାଇଥିବା ଜଣାପଡିଛି । ଏହାକୁ ଭିତ୍ତିକରି ବିଡିଓ ଥାନାରେ ଏତଲା ଦେଇଛନ୍ତି ।

# ବଢ଼ାନ୍ତୁ ପିଲାଙ୍କ ସ୍ମରଣ ଶକ୍ତି

**ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବା ସହିତ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବାକୁ ଚାହୁଁଥିଲେ ସେମାନଙ୍କୁ କିଭଳି ଖାଦ୍ୟ ଦିଆଯିବା ଉଚିତ ଆସନ୍ତୁ ଜାଣିବା....**



■ବର୍ତ୍ତମାନ ଅଧିକାଂଶ ପିଲା ଜଙ୍କପୁଡ ଖାଇବାକୁ ପସନ୍ଦ କରୁଛନ୍ତି । ଏହି କାରଣରୁ ସେମାନେ ଅଧିକ ପୋଷକତତ୍ତ୍ୱ ଥିବା ଖାଦ୍ୟଠାରୁ ଦୂରେଇ ଯାଉଛନ୍ତି । ଫଳତଃ ପିଲାମାନଙ୍କ ଶାରୀରିକ ବିକାଶର ଗତି ଧିମା ହୋଇଯାଇଛି । ଏହା ସହିତ ସେମାନଙ୍କର ମାନସିକ ବିକାଶ ମଧ୍ୟ ସଠିକ୍ ଭାବରେ ହୋଇପାରୁନାହିଁ ।

■ଆମ ସମସ୍ତଙ୍କର ଇଚ୍ଛା, ଆମର ପିଲାମାନେ ପାଠପଢ଼ା ସାଙ୍ଗକୁ ଖେଳକୁଦରେ ଅନ୍ୟପିଲାମାନଙ୍କଠାରୁ ଭଲ କରନ୍ତୁ । ମାତ୍ର ସବୁ ଅଭିଭାବକଙ୍କର ଏହି ସ୍ୱପ୍ନ ସାକାର ହୋଇପାରେ ନାହିଁ । ସବୁ ପିଲା ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିପାରନ୍ତି ନାହିଁ । ଗୋଟିଏ ପିଲା ଖେଳଠାରୁ ପାଠପଢ଼ା ପର୍ଯ୍ୟନ୍ତ ସବୁଥିରେ ଆଗୁଆ ହେଉଥିବାବେଳେ ଅନ୍ୟ ପିଲାଟି ଏଥିରେ ପଛୁଆ ରହିଯାଏ । ସାଧାରଣତଃ ପିଲାମାନେ ଆଗକୁ ବଢ଼ିବାରେ ସେମାନଙ୍କ ମସ୍ତିଷ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯେଉଁ ପିଲାଙ୍କ ମସ୍ତିଷ୍କ ଯେତେ ଉନ୍ନତ, ସ୍ମରଣଶକ୍ତି ଯେତେ ପ୍ରଖର; ସେହି ପିଲା ସେତେ ସ୍ମାର୍ଟ ଓ ପଢ଼ାଠାରୁ ଖେଳକୁଦ ପର୍ଯ୍ୟନ୍ତ ଅନ୍ୟମାନଙ୍କଠାରୁ ଆଗରେ ରହିଥାଏ ।

■ଏଭଳି କ୍ଷେତ୍ରରେ ଅଭିଭାବକଙ୍କ ଦାୟିତ୍ୱ ହେଉଛି ସେମାନେ ପିଲାଙ୍କୁ ଏଭଳି ଆହାର ଦେବା ଉଚିତ, ଯାହା ଦ୍ୱାରା ପିଲାଙ୍କ ସ୍ମରଣଶକ୍ତି ପ୍ରଖର ହେବ । ମସ୍ତିଷ୍କର ବିକାଶ ଘଟିବ । ଯଦି ଆପଣ ମଧ୍ୟ ଆପଣଙ୍କ ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବା ସହିତ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ବିଭଳି ଖାଦ୍ୟ ଦିଆଯିବା ଉଚିତ ଆସନ୍ତୁ ଜାଣିବା ।





**ସବୁଜ ପନିପରିବା:-** ଆପଣ ଲକ୍ଷ୍ୟ କରିଥିବେ ଯେ ପିଲାଏ ସବୁଜ ପନିପରିବା ଖାଇବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିନଥାନ୍ତି । କିଛି ପିଲା ତ ପନିପରିବା ନାଁ ଶୁଣି ମୁହଁ ବୁଲାଇ ନିଅନ୍ତି । ଅସଲ କଥା ହେଉଛି, ସବୁଜ ପନିପରିତବାରେ ପ୍ରଚୁର ପରିମାଣରେ ଭିଟାମିନ ରହିଛି ମାନସିକ ବିକାଶ ପାଇଁ ଏହି ଭିଟାମିନ ଅତ୍ୟନ୍ତ ଜରୁରୀ । ପିଲାଙ୍କୁ ସବୁଜ ପନିପରିବା ଆଦି ଖାଇବାକୁ ପ୍ରୋତ୍ସାହିତ କରନ୍ତୁ। ଏହା ଦ୍ୱାରା ସେମାନଙ୍କରା ମାନସିକ ବିକାଶ ଠିକ୍ ଭାବରେ ହୋଇପାରିବ ।

**ଅଣ୍ଡା:-** ପ୍ରୋଟିନରେ ଭରପୂର ଅଣ୍ଡା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ସ୍ମରଣଶକ୍ତି ମଧ୍ୟ ବୃଦ୍ଧି କରିବାର ଏକ ପ୍ରମୁଖ ସ୍ରୋତ । ଅଣ୍ଡାରେ କୋ କୋଲିନ ନାମକ ପୋଷକ ତତ୍ତ୍ୱ ପ୍ରଚୁର ପରିମାଣରେ ରହିଛି । ଏହି ପୋଷକ ତତ୍ତ୍ୱ ପିଲାଙ୍କ ମସ୍ତିତଷ୍କକୁ ଅଧିକ ସକ୍ରିୟ ରଖିଥାଏ ଓ ସ୍ମରଣ ଶକ୍ତି ବଢ଼ାଇବାରେ ସହାୟତା କରିଥାଏ । ଅଣ୍ଡାର ବିଶେଷତ୍ୱ ହେଉଛି, ଏହାକୁତ ତରକାରୀ, ପୁଚ, ଭୁଜିଆ, ସିଝା, ଆମଲେଟ୍ ଆଦି ବିଭିନ୍ନ ପ୍ରକାରରେ ଖାଇବା ସମ୍ଭବ ହୋଇଥାଏ । ପିଲାଏ ଅଣ୍ଡାକୁ ସ୍ୟାଣ୍ଡୱିଚ ସହିତ ଖାଇବାକୁ ପସନ୍ଦ କରିଥାନ୍ତି ।








**କ୍ଷୀର :-** କ୍ଷୀର ପିଲାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଆହାର ବୋଲି କୁହାଯାଇଆସୁଛି । କ୍ଷୀରରେ ପ୍ରଚୁର ପରିମାଣରେ ରହିଛି କ୍ୟାଲସିୟମ । ଏହା ପିଲାଙ୍କ ଶରୀରିକ ଓ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ । କ୍ଷୀର ପିଇବା ଦ୍ୱାରା ପିଲାଙ୍କ ହାଡ଼ ମଜଭୁତ ହୋଇଥାଏ । ଏହା ସହିତ ମସ୍ତିଷ୍କର ଉପଯୁକ୍ତ ବିକାଶ ମଧ୍ୟ ଘଟିଥାଏ । ପିଲାଙ୍କୁ ପ୍ରତିଦିନ ସକାଳେ ଗିଲାସେ କ୍ଷୀର ପିଇବାକୁ ଦିଅନ୍ତୁ । ଏହି ଅଭ୍ୟାସ ସେମାନଙ୍କୁ ଶାରୀରିକ ଓ ମାନିସକ ଭାବରେ ସୁସ୍ଥ ରଖିବ ।

**ଦହି:-** ଯଦି ଆପଣଙ୍କ ପିଲାଏ କ୍ଷୀର ପିଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି, ଦହି ସେମାନଙ୍କ ପାଇଁ ଏକ ଭଲ ବିକଳ୍ପ । ଦହିରେ କ୍ଷୀର ଅପେକ୍ଷା ଅଧିକ ପରିମାଣର କ୍ୟାଲସିୟମ ରହିଛି ଏବଂ ଏହାକୁ ହଜମ କରିବା ମଧ୍ୟ ସହଜ । ଦହି ଭିଟାମିନ ବି ଓ ପ୍ରୋଟିନର ଏକ ଉତ୍ତମ ସ୍ରୋତ, ଯାହା ମସ୍ତିଷ୍କର ସଠିକ୍ ବିକାଶ କରିବାରେ ସହାୟକ ହୋଇଥାଏ । ଦହିରେ ଥିବା ପ୍ରୋବାୟୋଟିକ୍ ବ୍ୟାକ୍ଟେରିଆ ପାଚନଦ ତନ୍ତ୍ରକୁ ସୁସ୍ଥ ରଖିଥାଏ ।

# ଆଜିକାଲି ଅବସାଦ ଏକ କଠିନ ସମସ୍ୟା

ଆଜିର ଦୁନିଆରେ ପ୍ରତ୍ୟେକ ଲୋକ କାମ, ସଫଳତା, ପଦ ଓ ଅର୍ଥ ପଛରେ ଦୌଡୁଛନ୍ତି । ସମ୍ପର୍କରେ ମଧ୍ୟ ଆଗପରି ମୁରତା ନାହିଁ । ଲୋକମାନେ ଆତ୍ମକୈନ୍ଦ୍ରିକ ହୋଇଗଲେଣି । ଯାହା ଦ୍ୱାରା ଏକୁଟିଆ ଅନୁଭବ କରୁଛନ୍ତି । ଖାଇବା ପିଇବାର ଅଭ୍ୟାସ ମଧ୍ୟ ବଦଳି ଗଲାଣି । ଶୋଇବାର ସମୟ ମଧ୍ୟ ପରିବର୍ତ୍ତନ ହୋଇଛି । ଏହି ସବୁ କାରଣ ପାଇଁ ମସ୍ତିଷ୍କରେ ଚାପ ରହୁଛି । ଏହା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି । ପୂରା ବିଶ୍ୱରେ ଅବସାଦ ଓ ମାନସିକ ରୋଗ ଲଗାତର ବଢ଼ିବାରେ ଲାଗୁଛି । ଅନ୍ୱେଷଣରୁ ଜଣାପଡ଼ିଛି ଆମ ଦେଶରେ ୨୦-୨୫ ପ୍ରତିଶତ ଯୁବକ/ଯୁବତୀ ଡିପ୍ରେସନର ଶୀକାର ହେଉଛନ୍ତି ।



ଲକ୍ଷଣ:-ଲୋକମାନଙ୍କ ଠାରୁ ଦୂରେଇ ରହିବା

- ନିଦ ନ ଆସିବା
- ଚିଡ଼ିଚିଡ଼ା ଓ ଆକ୍ରମକ ବ୍ୟବହାର
- ଆତ୍ମବିଶ୍ୱାସ ହରାଇବା
- କୌଣସି କାମରେ ମନ ନ ଲାଗିବା
- ଏହିସବୁ ଲକ୍ଷଣ ଗୁଡ଼ିକୁ ନଜର ଅନ୍ଦଜ କରିବା ଦ୍ୱାରା ଅବସାଦର ସମସ୍ୟା ବଢ଼ିବାକୁ ଲାଗିବ, ଯାହା ଦ୍ୱାରା ଜୀବନଶୈଳୀ ପ୍ରଭାବିତ ହେବ ।
- ହିଂସାତ୍ମକ ପ୍ରବୃତ୍ତି ଓ ଆତ୍ମହତ୍ୟାର ପ୍ରବୃତ୍ତି ବଢ଼ିଯାଇପାରେ । ଏକ ଅନ୍ୱେଷଣରୁ ଜଣାପଡ଼ିଛି ଯୁବାବସ୍ଥାରେ ହେଉଥିବା ମୃତ୍ୟୁର ସବୁଠାରୁ ବଡ଼ କାରଣ ଆତ୍ମହତ୍ୟା ।

**ସେଥିପାଇଁ କିଛି ଦିଗ ପ୍ରତିଧ୍ୟାନ ଦେବା ଉଚିତ୍:**

ସୁସ୍ଥ ଜୀବନଶୈଳୀକୁ ଅନୁସରଣ କରନ୍ତୁ ଯଥା ବ୍ୟାୟାମ, ପୋଷାକ, ଭୋଜନ, ପର୍ଯ୍ୟାପ୍ତ ପରିମାଣରେ ନିଦ ଇତ୍ୟାଦି ସାମିଲ ରହିଛି ।

ନିଜର କ୍ଷମତାଠାରୁ ଅଧିକ କାର୍ଯ୍ୟ କରନ୍ତୁ ନାହିଁ ଓ ନିୟମିତ ଭାବରେ ଅବସର ସମୟକୁ ନିର୍ଣ୍ଣୟ କରନ୍ତୁ ।

ଗେଜେଟସ ସହିତ କମ ସମୟ କଟାନ୍ତୁ ।

ସାମାଜିକସ୍ତରରେ ସକ୍ରିୟ ରୁହନ୍ତୁ । ମାନସିକ ଶାନ୍ତି ପାଇଁ ଧାନ କରନ୍ତୁ । ନିଶା ଦ୍ରବ୍ୟ ସେବନ ଠାରୁ ଯଥା ସମ୍ଭବ ଦୂରରେ ରୁହନ୍ତୁ ।

# ମନ୍ତ୍ରଜପର ମାହାତ୍ମ୍ୟ

ପୂଜା-ଆରାଧନା ସମୟରେ ମନ୍ତ୍ର ଜପିବା ଏକ ପାରମ୍ପରିକ ତଥା ଆଧ୍ୟାତ୍ମିକ ହିନ୍ଦୁ ବିଧି । ମନ୍ତ୍ରଗୁଡ଼ିକରେ ଭଗବାନଙ୍କର ବିଭିନ୍ନ ଅବତାର, ଲୀଳା ଓ ଗୁଣକୀର୍ତ୍ତନ ବର୍ଣ୍ଣିତ । ମନ୍ତ୍ରଗୁଡ଼ିକ କେତେଗୁଡ଼ିଏ ଅକ୍ଷର ସଂଯୋଗରେ ସୃଟ୍ଟି ହୋଇଥିଲେ ହେଁ, ଜପ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି- ତରଙ୍ଗ ଭକ୍ତ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରାଉଥିବା ବିଶ୍ୱାସ ଶୁଦ୍ଧ-ପୂତ ଶରୀର ଓ ଏକାଗ୍ର ଚିତ୍ତରେ ମନ୍ତ୍ର ଜପ ବା ଗାନ ଦ୍ୱାରା ମନରେ ଭକ୍ତିଭାବ ଆସେ । ଏହା ଅନ୍ତର ମଧ୍ୟରେ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଏ । ଭଗବାନଙ୍କର ଆରାଧନା ସମୟରେ ବ୍ୟକ୍ତିଙ୍କୁ ପ୍ରଭୁଙ୍କ ଲୀଳା ଚିନ୍ତନରେ ବୁଡ଼ି ରହିବାକୁ ପ୍ରେରଣା ଦିଏ । ନିୟମିତ ମନ୍ତ୍ର ଜପ ଦ୍ୱାରା ସଂସାରର ସମସ୍ତ ମାୟା, ମୋହ ସାଂସାରିକ ମଣିଷ ଠାରୁ ଦୂରେଇ ରଖିବାରେ ସହାୟକ ହେଉଥିବା କୁହାଯାଏ । ମନ୍ତ୍ରପାଠ ହେଉଥିବାବେଳେ ଆଖପାଖର ବାତାବରଣ ଆଧ୍ୟାତ୍ମିକତାରେ ପୂରି ଉଠେ । ଏହାଦ୍ୱାରା କେବଳ ମନ୍ତ୍ର ଗାନ କରୁଥିବା ବ୍ୟକ୍ତି ନୁହନ୍ତି, ମନ୍ତ୍ର ଶ୍ରବଣ କରୁଥିବା ଲୋକେ ମଧ୍ୟ ଆଧ୍ୟାତ୍ମିକତାର ସନ୍ଦେଶ ପାଆନ୍ତି । ଗଭୀର ନିଷ୍ଠା ଓ ଆସ୍ଥାର ସହ ମନ୍ତ୍ର ଜପ କଲେ ଭଗବତ୍ ପ୍ରାପ୍ତି ହେଉଥିବା ବିଶ୍ୱାସ ।

# ଟ୍ରାଇବାଲ୍ ଡିଜାଇନ୍

**ସମୟ ସହିତ ଫ୍ୟାସନ ବଦଳିବାରେ ଲାଗିଛି । ଆଜିକାଲି ଟ୍ରାଇବାଲ୍ ଫ୍ୟାସନକୁ ଯୁବତୀମାନେ ବେଶୀ ପସନ୍ଦ କରୁଛନ୍ତି । ଟ୍ରାଇବାଲ ଡିଜାଇନର କାନଫୁଲଠାରୁ ଆରମ୍ଭ କରି ଶାଢ଼ୀ ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସୁଛି । କଲେଜରେ ପଢୁଥିବା ଝିଅମାନଙ୍କୁ ମଧ୍ୟ ଟ୍ରାଇବାଲ ଶୈଳୀର ପ୍ରିଣ୍ଟ ଅଧିକ ପସନ୍ଦ ଆସୁଛି ।**



**ସ୍କାର୍ଫ:-** ଟ୍ରାଇବାଲ ପ୍ରିଣ୍ଟର ସ୍କାର୍ଫ ସ୍ମାର୍ଟ ଲୁକ୍ ଦେଉଛି । ଏହାକୁ ଜିନ୍ସ, ଡ୍ରେସ କିମ୍ୱା କୁର୍ତ୍ତୀ ସହିତ ବ୍ୟବହାର କଲେ ବହୁତ ସୁନ୍ଦର ଲାଗିବ । ଅନଲାଇନ ଓ ସ୍ଥାନୀୟ ବଜାରରେ ଏହା ସହଜରେ ଉପଲବ୍ଧ ।

**କୁଶନ:-** କେବଳ କପଡ଼ା ନୁହେଁ ଘରେ ମଧ୍ୟ ଟ୍ରାଇବାଲ ଲୁକର ପ୍ରଚଳନ ରହିଛି । ଆପଣ ଆପଣଙ୍କ ଘରର ଡ୍ରଇଂ ହଲରେ କିଛି ଏପରି କୁାନ ରଖନ୍ତୁ ଯାହା କିଛି ଅଲଗା ଲୁକ୍ ଦେବ । ଏହା ଦ୍ୱାରା ଅଲଗା ପ୍ରକାରର କ୍ଲାସି ସୁନ୍ଦର ଲୁକ୍ ଦିଶିବ ।

**କାନଫୁଲ:-** ଟ୍ରାଇବାଲ ଡିଜାଇନର କାନଫୁଲ ଲୋକମାନଙ୍କୁ ବହୁତ ପସନ୍ଦ ଆସୁଛି । ଏହା ସହିତ ଏହି ଡିଜାଇନ ଟ୍ରାଡ଼ିସନାଲ ଓ ଟ୍ରେଣ୍ଡି ସବୁ ଦଷ୍ଟିରୁ ସୁନ୍ଦର ଲାଗେ ।



**ଟ୍ରାଇବାଲ ପ୍ରିଣ୍ଟ ଡ୍ରେସ୍:-** ଏହି ପ୍ରିଣ୍ଟର ୱେଷ୍ଟର୍ଣ୍ଣ ଡ୍ରେସ ବହୁତ ପସନ୍ଦ କରାଯାଉଛି । ଏହା ଫ୍ୟୁଜନ ଲୁକ୍ ସହିତ ଟ୍ରେଣ୍ଡି ମଧ୍ୟ । ଏହାକୁ ସେଲିବ୍ରିଟିମାନେ ମଧ୍ୟ ପନସନ୍ଦ କରୁଛନ୍ତି ।

**ଆଫ୍ରିକାନ ପ୍ରିଣ୍ଟ:-** ଏହି ପ୍ରିଣ୍ଟକୁ ମଧ୍ୟ ଅନେକ ପସନ୍ଦ କରୁଛନ୍ତି । ଆଫ୍ରିକାନ ପ୍ରିଣ୍ଟର ସ୍କାର୍ଫରୁ ଆରମ୍ଭ କରି ବେଡସିଟି କିମ୍ୱା କୁସନ ବହୁତ ଲୋକ ପସନ୍ଦ କରୁଛନ୍ତି । ଏହି ପ୍ରିଣ୍ଟର ସାଲୱାର ସୁଟ୍ ମଧ୍ୟ ସୁନ୍ଦର ଲାଗୁଛି ।

# ସର୍ବାଧିକ ବେତନ ମିଳୁଥିବା ଦେଶ

**ବର୍ତ୍ତମାନର ପ୍ରତିଯୋଗିତା ବହୁ, ସମାଜରେ ଗୋଟିଏ ଭଲ ଚାକିରିଟିଏ ପାଇବା ବହୁତ କଷ୍ଟକର ବ୍ୟାପାର ହୋଇଗଲାଣି । ଭଲ ଚାକିରିରେ ଭଲ ଦରମା ମିଳିବା ପାଇଁ ଅନେକ ଚେଷ୍ଟା କରୁଛନ୍ତି । କେହି କେହି ସଫଳ ମଧ୍ୟ ହେଉଛନ୍ତି । ଏସବୁ କହିବାର କାରଣ ହେଲା ଆମେ ଏପରି କଇଛି ଦେଶ ବିଷୟରେ ଜଣାଇବୁ ଯେଉଁଠି ସାର୍ବଧିକ ବେତନ ମିଳେ । ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ଏହା ଉପରେ ଏକ ତାଲିକା ପ୍ରସ୍ତୁତ କରିଛି ।**

**ସୁଇଜରଲ୍ୟାଣ୍ଡ:-** ଏକ ବିକଶିତ ଦେଶ ଭାବରେ ପରିଚିତ ଏହି ଦେଶରେ ଚାକିରି ଓ ବେତନ ମାମଲାରେ ଆଗୁଆ ରହିଛି । ଏହି ରିପୋର୍ଟ ଅନୁସାରେ ଦୁନିଆରେ ସବୁଠାରୁ ଅଧିକା ବେତନ ସୁଇଜରଲ୍ୟାଣ୍ଡ କାମ କରୁଥିବା ଲୋକ ମାନଙ୍କୁ ମିଳିଥାଏ । ଏଠାରେ କାମ କରୁଥିବା ଲୋକ ବର୍ଷକୁ ପାଖାପାଖି ୯୨,୬୨୫ ଡଲାର ଯାହାର ଭାରତୀୟ ମୂଲ୍ୟ ୬୩.୬୦ ଲକ୍ଷଟଙ୍କା । ସେହି ଅନୁଯାୟୀ ମାସିକ ୫.୩୦ ଲକ୍ଷ ରୋଜଗାର ହୋଇଥାଏ ।

**ଆମେରିକା-** ଭାରତୀୟ ମାନେ ଆମେରିକାରେ ଚାକିରି କରିବା ଏକ ସ୍ୱପ୍ନ ସଦୃଶ ହୋଇଥାଏ । କାରଣ ଏଠାରେ ଚାକିରି ଓ ବେତନର ପରିମାଣ ବହୁତ ଅଧିକ । ଏଠାରେ କାମ କରୁଥିବା ଲୋକ ବାର୍ଷିକ ଆୟ ୪୦ ଲକ୍ଷ୍ୟରୁ ଉର୍ଦ୍ଧ୍ୱ । ଏହାର ଅର୍ଥ ୩.୪୭ ଲକ୍ଷ ଟଙ୍କା ପ୍ରତି ମାସରେ ରୋଜଗାର କରିଥାନ୍ତି ।

**ଲଗକମବଗ-** ୟୁରୋପରେ ଅବସ୍ଥିତ ଏହି ଦେଶରେ ଚାକିରି ଓ ବେତନର ଅଧିକ ହୋଇଥାଏ । ଏଠାରେ କାମ କରୁଥିବା ବ୍ୟକ୍ତିର ବାର୍ଷିକ ଆୟ ପାଖାପାଖି ୪୦.୧୧ ଲକ୍ଷ ଟଙ୍କା । ଏଠାରେ ଆନୁମାନିକ ମାସରେ ୩.୩୪ ଲକ୍ଷ ଟଙ୍କାରୁ ମଧ୍ୟ ଅଧିକ ଦରମା ମିଳେ ।

**ହଙ୍ଗକଙ୍ଗ:-** ଏହି ଦେଶ ଉପରେ ଚୀନର କବଜା ଥିଲେ ମଧ୍ୟ ଏଠାରେ କାମ କରୁଥିବା ଲୋକ ଚୀନର ଲୋକମାନଙ୍କ ଠାରୁ ଅଧିକ ଟଙ୍କା ରୋଜଗାର କରିଥାନ୍ତି । ଏହି ଦେଶରେ କାମ କରୁଥିବା ବ୍ୟକ୍ତିର ବାର୍ଷିକ ଆୟ ୩୦.୧୧ ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି ।



**ଜାପାନ ଓ ଜର୍ମାନ:-** ଏଠାକାର ଲୋକେ ବହୁତ ପରିଶ୍ରମୀ ହୋଇଥାନ୍ତି । ଏଠାରେ କାମ କରୁଥିବା ପରିବାର ବାର୍ଷିକ ଆୟ ୩୩.୦୮ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରିଥାନ୍ତି ।

# ବୟସ ଅନୁଯାୟୀ ସ୍ୱାସ୍ଥ୍ୟ ପରୀକ୍ଷା

ନିକଟରେ ସର୍ବଭାରତୀୟସ୍ତରର ବିଶେଷଜ୍ଞ ଦଳ ପ୍ରତ୍ୟେକ ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ଉପଦେଶ ଦେଇଛନ୍ତି । କେଉଁ ବୟସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ, ଏନେଇ ସେମାନେ ବିଭିନ୍ନ ତଥ୍ୟ ଦେଇଛନ୍ତି । ନବଜାତ ସନ୍ତାନର ମାନସିକ ସ୍ଥିତି ନେଇ ପିତାମାତାଙ୍କ ମନରେ କୌଣସି ପ୍ରକାର ସନ୍ଦେହ ହେଲେ, ସେମାନଙ୍କର ଥାଇରଏଡ୍ ଟେଷ୍ଟ କରାଯିବା ଆପଶ୍ୟକ । ଜନ୍ମିତ ସନ୍ତାନଙ୍କ ଠାରୁ ବ ବର୍ଷର ବୟସର ଶିଶୁଙ୍କର ଏହି ପରୀକ୍ଷା କରାଯାଇପାରିବ । ତେବେ ଶିଶୁ ସୁସ୍ଥ ଥିଲେ, ଏସବୁର ଆବଶ୍ୟକତା ନାହିଁ । ୨୦-୨୫ ବର୍ଷରେ ପ୍ରତ୍ୟେକ ଦିଗ ପ୍ରତି ସଚେତନ ରହିବା ଜରୁରୀ । ପୁରୁଷମାନେ ନିୟମିତ ଚେକଅପ କରାଇବା ସହ ମହିଳାମାନେ ମାଗେଗ୍ରାଫି ଓ ସୋନୋଗାଫି ନିୟମିତ ବ୍ୟବଧାନରେ କରାଇବା ବିଶେଷଜ୍ଞ ମତ ।

# ଇମ୍ଫାଲର 'ମଦର୍ସ ମାର୍କେଟ୍'



ଅନେକଙ୍କୁ ହୁଏତ ଜଣା ନ ଥାଇପାରେ ଯେ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଥିବା ମାର୍କେଟ୍ ବା ବଜାର ମଣିପୁର ରାଜଧାନୀ ଇମ୍ଫାଲରେ ରହିଛି । ଏହା ମଦର୍ସ ମାର୍କେଟ୍' ଭାବେ ପରିଚିତ ଏବଂ ଏସିଆର ସବୁଠାରୁ ବଡ଼ ମହିଳା ମାର୍କେଟ୍ । ମୋଟ ଦୋକାନ ସଂଖ୍ୟା ଚାରି ହଜାରରୁ ଅଧିକ । ମାର୍କେଟରେ ଜଣେ ବି ପୁରୁଷ ଦୋକାନୀ ନାହାନ୍ତି । ବିଶ୍ୱାସ କରାଯାଏ, ଏହି ମାର୍କେଟ୍ ପ୍ରାୟ ପାଞ୍ଚ ଶହ ବର୍ଷର ପୁରୁଣା । ମାର୍କେଟ ଆରମ୍ଭର କାରଣ ମଣିପୁର ଇତିହାସ ସହିତ ଜଡ଼ିତ । ରାଜାରାଜୁଡ଼ା ଶାସନ ଅମଳରେ ମଣିପୁରରେ 'ଲାଇପ୍' ନାମକ ଏକ ପାରମ୍ପାରିକ ପ୍ରଥାର ପ୍ରଚଳନ ଥିଲା । ପ୍ରଥା ଅନୁସାରେ, ମୈତି ସଂପ୍ରଦାୟର ପୁରୁଷମାନଙ୍କୁ ରାଜାଙ୍କ ଦରବାରରେ କାମ କରିବାକୁ ପଡୁଥିଲା । ଏଥିପାଇଁ ସେମାନେ ଦିନରାତି ରାଜା ଉଆସରେ ରହୁଥିଲେ । ଏହା ଦ୍ୱାରା ପୁରୁଷମାନେ ଘର କାମ ବୁଝିବାକୁ ସମୟ ପାଇଲେ ନାହିଁ ଏବଂ ପୁରୁଷଙ୍କ ଅନୁପସ୍ଥିତିରେ ମହିଳା ମାନେ ବାହାରକୁ ବାହାରିଲେ । ମହିଳାମାନେ ଘର କାମ ସହିତ ଚାଷ କଲେ, ରୋଜଗାର ପାଇଁ ଦୋକାନ କରି ବ୍ୟବସାୟ ଆରମ୍ଭ କଲେ । ସେହି ଧାରା କ୍ରମେ ଗଡ଼ି ଆସିଛି ଏବଂ ତାହା ପିଢ଼ି ପରେ ପିଢ଼ି ଏକ ପରଂପରାରେ ପରିଣତ ହୋଇଛି । ନିୟମ ଅନୁସାରେ, ଏହି ମାର୍କେଟରେ କେବଳ ବିବାହିତ ମହିଳାମାନେ ହିଁ ବ୍ୟବସାୟ କରନ୍ତି ।

# ନୂଆ ଧରଣର ବ୍ୟବସାୟିକ ଆଲୋଚନା

ପ୍ରତ୍ୟେକ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିୟମିତ ଭାବେ ମିଟିଂ ହେବା ଏକ ସାଧାରଣ ପ୍ରସଙ୍ଗ । ବଡ଼ ବଡ଼ ହଲ ଏଥିନିମନ୍ତେ ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ । ତେବେ ଏକବିଂଶ ଶତାବ୍ଦୀରେ ଏଇ ମିଟିଂ ହେବାର ଢ଼ାଞ୍ଚା ବଦଳିଛି । ବିଶ୍ୱସ୍ତରରେ ପରିଚିତ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ ଗେଟସ, ଫେସବୁକର ସହ-ପ୍ରତଷ୍ଠାତା ମାର୍କ ଜୁକରବର୍ଗ ନିଜ ସାଥି କର୍ମଚାରୀଙ୍କ ସହ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଲିବୁଲି ମିଟିଂ କରିଥାନ୍ତି । ନିଜେ ମାର୍କ ଏଇ ତଥ୍ୟ ଫେସବୁକରେ ଉଲ୍ଲେଖ କରିଥିବାବେଳେ ବିଲ ଗେଯସ ମଧ୍ୟ ଏହା କହିଛନ୍ତି । ବିଲଙ୍କ ମତରେ ସେ କାର୍ଯ୍ୟାଳୟ ସମ୍ମୁଖ ବଗିଚରେ ବୁଲିବୁଲି ସାଥିମାନଙ୍କ ସହ ଆଲୋଚନା କରନ୍ତି । ଏଇ ପ୍ରକ୍ରିୟା ତାଙ୍କୁ ଖୁବ୍ ମଜାଦାର ଲାଗେ । ଏହା ସହ ଚାଲିବା ସମରେ ସେ ବିଭିନ୍ନ ନୂତନ ତଥ୍ୟର ଶୁଭାରମ୍ଭ କରିପାରିଛନ୍ତି । ମାର୍କଙ୍କ ମତରେ କୌଣସି ଏକ ସ୍ଥାନରେ ବସି ମିଟିଂ କରିବାର ଅର୍ଥ ସାଥି କମଚାରୀଙ୍କୁ ବାଧ କରିବା ଯେ ଯାହା ସେ କହୁଛନ୍ତି, ସେମାନେ ଶୁଣିବାକୁ ବାଧ । ଏହା ସହ ସେ ବିଲ ଗେଟସଙ୍କ ସଂସ୍ପର୍ଶରେ ଆସିବା ପରେ ଏଇ ଚଲାବୁଲା ମିଟିଂ ବିଷୟରେ ସେ ଅବଗତ ହୋଇ ତୁରନ୍ତ କାର୍ଯ୍ୟକାରୀ କରିଥିଲେ । ଗବେଷକଙ୍କ ମତରେ ଚାଲିବା ସମୟରେ ଆମ ଶରୀରରୁ ଶକ୍ତି ଉତ୍ପନ୍ନ ହେବା ସହ ମସ୍ତିଷ୍କକୁ ମଧ୍ୟ ଶକ୍ତି ମିଳେ, ଯାହା ଦ୍ୱାରା ମନରେ ନୂତନ ଚିନ୍ତାଧାରା ସଷ୍ଟି ହୋଇଥାଏ ଏହା ସହ ଚଲାବୁଲା ମିଟିଂରେ ଅତିବେଶୀରେ ୪-୪ ଜଣ ଏକତ୍ର ହୋଇ କଥାବାର୍ତ୍ତା କରିପାରନ୍ତି । ଏଇ ପ୍ରକ୍ରିୟାଟି ଖୁବ୍ ମଜାଦାର ଲାଗୁଥିବାରୁ ସମସ୍ତେ ଏଇ ନୂତନ ପ୍ରକ୍ରିୟାକୁ ଆପଣାଉଛନ୍ତି ।



## ଆଖି ବୁଜିଦେଲେ ଆଲୁଅ

### ରତ୍ନାକର ରାଉତ



ଅନେକ ଦିନ ହେଲାଣି ମୁଁ ଅନୁଭବ କରୁଛି
ମୁଁ ଆଉ ବାହାରେ ନାହିଁ, ଭିତରକୁ ଚାଲିଯାଇଛି ।
ବାହାରର କୋଳାହଳ ମୋ ଚାରିପାଖରେ ସଂଗଠିତ ହେଉଛି,
ତାହାରି ଭିତରେ ମୋର ସାରା ଜୀବନଚର୍ଯ୍ୟା ଚାଲିଛି,
ସେସବୁ ମୁଁ ଦେଖୁଛି, ଶୁଣୁଛି,
କିନ୍ତୁ କିଛି କେଉଁଠି ଘଟୁ ନଥିଲା ଭଳି ମୋତେ ଲାଗୁଛି,
ମୁଁ ଶୁଣି ମଧ୍ୟ ଶୁଣୁନି କିଛି, ଦେଖି ମଧ୍ୟ ଦେଖୁନି
ଏବଂ ସବୁରି ମଧ୍ୟରେ ସଭିଙ୍କ ସହିତ ଥାଇ
ସେସବୁ ସହିତ ନଥିଲା ଭଳି
କେମିତି ଏକ ଖିଆଲରେ
ମୁଁ ଆତଯାତ ହେଉଛି ।

ଆଖି ବୁଜିଦେଲେ ଅଂଧାର
ଘୋଟି ଆସୁନି ମୋ ପାଇଁ ।
ଖୋଲା ବହିର ପୃଷ୍ଠାଗଡ଼ିକ ଧୀରେ ଧୀରେ
ଖୋଲି ଖୋଲି ଗଲାପରି ପବନର ପରଶରେ,
ପରସ୍ତ ପରସ୍ତ ଘଟଣା ସୁବ ଯାହା କେଉଁଠି
ଲୁକ୍କାୟିତ ଅବସ୍ଥାରେ ଏତେକାଳ ପଡ଼ିରହିଥିଲା
ସେସବୁ ଉପରୁ ହଟିଯାଉଛି
କେତେ ଯୁଗର ମଇଳାର ଆଭରଣ
ଏବଂ ସେଗୁଡ଼ିକ ଉନ୍ମୋଚିତ ହୋଇଯାଉଛି ।

ମୁଁ ବିମୋହିତ, ବିମୁଗ୍ଧ ଦର୍ଶକ ପରି ସେସବୁ ଦେଖୁଛି ।
ଶହଶହ ଜ୍ୟୋତିପୁଂଜ ଉଦ୍‌ଭାସିତ
କରି ଦେଉଛି ମୋର ଦୃଷ୍ଟି,
କେତେ ପଥ ପଡ଼ିଛି କୁଆଡ଼େ ଦିଶିଯାଉଛି,
ରାଶିରାଶି ଆଲୋକମାଳାରେ ସୁଶୋଭିତ ପଥ,
ଶଙ୍କା ନାହିଁ କି' ସଂକୋଚ ନାହିଁ ।

ନା ଆର୍ବଜାନା ଅଛି ନା ପ୍ରଦୂଷଣ ।
ସୁଗନ୍ଧରେ ଭରପୂର ଚଉଦିଗ ।
କାହାର କଅଁଳ କଥା କି'
କଅଁଳ ଛୁଆଁ କ'ଣ ଲୋଡ଼ା ଯେ?
କେଉଁ କାଉଁରୀ ସ୍ପର୍ଶରେ
ସାରା ଅବୟବରେ ଶୀତଳ ଛୁଆଁର ଉନ୍ମୁଖତା ।
ହରରଂଗୀ ଫୁଲର ବର୍ଣ୍ଣବିଭା,
ମୃଦୁମନ୍ଦ ହିଲ୍ଲୋଳରେ ସୁନା ଚଢ଼େଇଙ୍କ କଳରବ,
ଚିତ୍ରିତ ପ୍ରଜାପତିଙ୍କ ଗହଣରେ
ପ୍ରେମାପ୍ଲୁତ ଫୁଲକରେ ଗୁମାନ,
ରୂପର ରୋଷଣୀରେ ଉଦ୍‌ଭାସିତ ଚତୁଃପାର୍ଶ୍ୱ

ନାଁ ଅଛି ଭୋକ, ନା ଶୋଷ,
ନା କ୍ଳାନ୍ତି, ନା ବିଷାଦ ।

ମୋତେ କିଏ ହାତଠାରି ଡାକୁଛି ତା' କୋଳକୁ ।
ଧୀରେ ଧୀରେ ମୁଁ ଆଗଉଛି ।
ସବୁ ଦିଗରୁ ଲମ୍ବି ଆସୁଛି ସେହି କୋମଳ ସ୍ନେହର ହାତ ।
ଅଦୃଶ୍ୟ ହାତ, ମୁଁ ଦେଖି ପାରୁନି,
କିନ୍ତୁ ଜାଣି ପାରୁଛି ସେ ହାତର ଉପସ୍ଥିତି ।
ଅନାହତ ବଂଶୀର ସ୍ୱନ ପରି ସେ ଡାକ ମୋତେ ଶୁଭୁଛି ।
ତାର ଅନାବିଳ ଆକର୍ଷଣରେ ଆବିଷ୍ଟ ହୋଇ
ମୁଁ ଆଗଉଛି ରାଶିରାଶି ଆଲୋକରେ ଉଦ୍‌ଭାସିତ ପଥରେ ।

କୁଆଡ଼େ କୁଆଡ଼େ ଲମ୍ବିଛି ସେ ପଥ ଆଖି ପାଉନି ।
କିନ୍ତୁ ମୁଁ ଚାଲିଛି ଯେ ଚାଲିଛି,
ଅବସନ୍ନ ତା' ଆଚ୍ଛନ୍ନ କରୁନି ମୋତେ,
ଅବିରତ ଯାତ୍ରା ମୋର ଚାଲିଛି ସେହି ଦୁର୍ଲଭ ପଥରେ ।
ମୁଁ ଭାବୁଛି, ମୁଁ କଣ ଭାସୁଛି ଶୂନ୍ୟରେ ?

କାହିଁ ମୋ ଦେହ? ଯାହା ଭାରରେ
ଦୁଲୁକି ଯାଉଥିବା ମାଟି ମାଆର ବକ୍ଷ,
ଯାହା ମୋତେ ଅବଶ କରି ରଖିଥିଲା ଏତେକାଳ,
ଯେଉଁ ମୋହରେ ବିବଶ ହୋଇ
ମୁଁ ଭୁଲିଯାଇଥିଲି ମୋ ଲକ୍ଷ୍ୟ ।
କୁଆଡ଼େ ଗଲା ସେ ଦେହ,
କିପରି ଥାଇ ବି' ନଥିଲା ପରି ଏ ଅନୁଭବ?

ମୁଁ କଣ ଶୂନ୍ୟ ଦେହୀ?
ମେଂଚାଏ ଶିମୁଳି ତୁଳା ପରି ଭାସିପାରେ ଶୂନ୍ୟରେ,
ମୁଁ ତଳକୁ ଚାହିଁଲା ବେଳକୁ ମୁଠାଏ ବି ମାଟି ନାହିଁ ପାଦତଳେ ।
କାହିଁ କେଉଁଠି ମାଟି?
କୁଆଡ଼େ ଗଲା ଜଳ, ସ୍ଥଳ,
ସାଗର, ଭୂଧର, ଜମି ଜଙ୍ଗଲ?
କେମିତି ଶୂନ୍ୟ ପାଲଟିଗଲା କେଉଁ ଘଡ଼ିରେ
ଏତେ ସବୁ ବାସ୍ତବ ବାସ୍ତବ ଲାଗୁଥିବା
ମାଟି, ପାଣି, ପଥର ଓ ଗଛବୃଛ?

ମାଟିର ଅବର୍ତ୍ତମାନରେ ପ୍ରବାହିତ ହେଉଛି
ଏକ ପ୍ରଖର ସ୍ରୋତ । ନିରେଖି ଦେଖିଲା ବେଳକୁ
ସେ ତ' ପାଣିର ସ୍ରୋତ ନୁହେଁ ଭିନ୍ନ ଏକ ସ୍ରୋତ,
ବହୁଛି ଯେପରି ଅଚାନକ କୁଆଡୁ
ସୁସ୍ଥ କରି ମାଡ଼ିଆସେ ବତାସ ।
ବୋଧହୁଏ ପବନର ସ୍ରୋତ ବହୁଛି ।
ପବନ ସୁଅରେ ଭାସି ଚାଲିଛି ସମୟ ।

ନିରନ୍ତର ପ୍ରବାହିତ ସେ ସ୍ରୋତରେ
କେତେ କୁଆଡୁ ଭାସି ଯାଉଛନ୍ତି କେତେକେତେ ଜୀବ,
ପାଣିକୁ ଡେଇଁ ଭାସିଗଲା ପରି କୁଲିବେଙ୍ଗ,
ଉହ୍ମେଇକୁ ଡେଇଁ ପଡି ନିଃଶେଷ ହୋଇଗଲା ପରି ପତଙ୍ଗ ।
କେତେ କରୁଣ ପ୍ରୟାସ କାହାର ସେ ସୁଅ ମୁହଁରେ
ଧରିବାକୁ ସାହାରାର କାଠି ଖଣ୍ଡେ କି ଭରସାର କୁଟା ପତର,
ନା ସଭିଏଁ ଅସହାୟ । ଯୁଆଡ଼େ ବଢ଼ାଇଲେ ହାତ
ଶୂନ୍ୟରେ ମିଳିବ ଅବା ବାହାର ସାହାଚର୍ଯ୍ୟ?
କେବଳ ବ୍ୟର୍ଥ ପ୍ରୟାସ, ମନସ୍ତାପ ।

ସଭିଏଁ ବେସାହାରା, ସଭିଙ୍କର ଉବୁଟୁବୁ ଅବସ୍ଥା ।
ନିମିଷକେ ସବୁ ଶେଷ ହୋଇ ଯାଉଛି ।
କିଏ କୁଆଡ଼େ ସେହି ସ୍ରୋତାବର୍ତ୍ତ ଭିତରେ
ବିଲୀନ ହୋଇ ଯାଉଛନ୍ତି ।
ଘଡ଼ିକେ ଘୋଡ଼ା ଛୁଟିଲା ପରି ଅବଲୁପ୍ତ ହୋଇ ଯାଉଛି
କେତେକେତେ ମହାଯଶା ମହିପତିଙ୍କ ଇତିହାସ ।

ମୁଁ ଦେଖୁଛି ଏକ ନିରାପଦ ଦୂରତାରେ ଥାଇ
ଜୀବ ଜଗତର ସେହି ବିକଳ, ବିବର୍ଣ୍ଣ, ଭୟାନକ ଦୃଶ୍ୟ ।
କିଏ ଯେମିତି ଠେଲି ଠେଲି ଘୋଷାଡ଼ି ଘୋଷାଡ଼ି ଆଣି
ଫୋପାଡ଼ି ଦେଉଛି ସଭିଙ୍କୁ ସେ ସୁଅ ମୁହଁରେ ।
ଶିଉଳି ଲଗା ଚଟାଣରେ ଖସଡ଼ି ଗଲା ପରି ପାଦ
ଆଉ କାହାର କାହାର, ଖସଡ଼ି ଯାଉଛି ଯେ ପାଦ ।
ସେମାନେ ଆପେ ଆପେ ପଡ଼ିଯାଉଛନ୍ତି, ବେସାହାରା
ଓଟାରି ହୋଇ ପ୍ରଖର ସ୍ରୋତର କରାଳ ଗ୍ରାସରେ ।

ସୁଅର ଉର୍ଦ୍ଧ୍ୱରେ ରହିଛି ଏକ ସ୍ଥିର ସାମ୍ରାଜ୍ୟ ।
ସେଠାରେ ଅବସ୍ଥାନ କଲାବେଳେ
ମୁଁ କାହିଁକି ଭାବିବି ମୁଁ ଗୋଟେ ସାମାଜିକ ଲୋକ,
ମୋର ଅଛି ଘର, ପରିବାର ଓ ସଂସାର ।


♥ ପ୍ଲଟ ନଂ-୭୬୭ (ପି)
ଜୟଦୁର୍ଗା ନଗର, ଲକ୍ଷ୍ମୀସାଗର
ଭୁବନେଶ୍ୱର-୬


## ବିଦାୟ ଦେବୁ ବା କେମିତି

### ଭରତ ଚନ୍ଦ୍ର ଦାଶ



ହେ ସାଧକ !
ହେ ତପସ୍ୱୀ !
ଗାନ୍ଧର୍ବ ବିଦ୍ୟା ବିଶାରଦ
ବୀଣାଜୀଣା କଣ୍ଠ ସ୍ୱର ସଂସାରେ ଦୁର୍ଲ୍ଲଭ
ମୁଁ ଦେଖିଛି ଅନୁଭବିଛି
ତୁମ ସାଧନାର ଗଭୀରତାକୁ
ଭାବରେ ତୁମେ ତଲ୍ଲୀନ
ତଦ୍‌ଗତା ହୁଅ ସ୍ୱର ଓ ଲୟରେ
ଆଖିର ଭାବ ଓ ଗାମ୍ଭୀର୍ଯ୍ୟରେ
ହଜିଯାଅ ମଜିଯାଅ
କେଉଁ ଏକ ଭିନ୍ନ ରାଇଜରେ
ବାଣୀପୁତ୍ର ତୁମ କଣ୍ଠରେ
କଣ୍ଠାସୀନ ହୁଅନ୍ତି ବାଗ୍ଦେବୀ
ସବୁରି ହୃଦୟକୁ ବାନ୍ଧିରଖିବାର
ସାମର୍ଥ୍ୟରେ ତୁମେ ଅଗ୍ରଗଣ୍ୟ
ଉତ୍କଳ ଭୂମିରେ
ଭୂମିରୁ ଭୂମାଯାଏ
ତୁମର ଭାବଭୂମି
ପ୍ରଫୁଲ୍ଲ ଅକ୍ଷୟ ଯୋଡି
ସର୍ବତ୍ର ଚର୍ଚ୍ଚିତ
କମଳ ଅଛି ଦେଶ ଅଛି
ହେଲେ ରାଜକୁମାର
ବିଦାୟ ନେଇଛି ଏଇ
ଦାରୁଣ ବୈଶାଖରେ ।

ସଂଗୀତର
ଆଦ୍ୟରୁ ଅନ୍ତିମ ଯାଏ
ତୁମେ ସାଧିଥିଲ ସାଧନାର କ୍ଷେତ୍ର
କଣ୍ଠଦାନ ଠାରୁ ସଂଗୀତ ରଚନା
ପ୍ରତି କ୍ଷେତ୍ରେ ପ୍ରଫୁଲ୍ଲୀୟ ଚେତନାରେ
କାଳୋର୍ତ୍ତୀର୍ଣ୍ଣ ଯୁଗ ଯୁଗାନ୍ତର
ଇତିହାସର ଅମ୍ଳାନ ପୃଷ୍ଠାରେ ।
ସାଉଣ୍ଟା କାହାଣୀରେ
ଭାବ, ଆବେଗ ଓ ଅନୁଭବକୁ
ସାଉଣ୍ଟିବାରେ ଦ୍ୱିତୀୟ କେ ଅଛି
ସମ୍ବାଦ ପତ୍ରର ଚତୁର୍ଥ ପୃଷ୍ଠା
ଶୂନ୍ୟ ଏଠି ତୁମ ଅବର୍ତ୍ତମାନରେ
କାଳିଆର କଳା
ଶ୍ରୀକ୍ଷେତ୍ରର ଶିରୀ
ପତିତପାବନର ମହିମ୍ନ
କୀର୍ତ୍ତିକୁ ଉଡାଇଥିଲ
ଦେଶ ବିଦେଶରେ
ତୁମ ଶବ୍ଦ ବ୍ରହ୍ମର ଆବାହନରେ
ସେମାନେ ଧନ୍ୟ ଲଭିଥିଲେ
ବିଜୟ ବୈଜୟନ୍ତୀ ଉଡିଥିଲା
ଅତ୍ର ତତ୍ର ସର୍ବତ୍ର ।

ମୋର ସୌଭାଗ୍ୟ
ସାଉଣ୍ଟା କାହାଣୀ ପଢିବା ପାଇଁ
ତୁମର ସପ୍ରେମ ତାଗିଦ୍
ପାଇବାରେ କେବେ
ଉଣା କରି ନ ତୁମେ।
ଦୁଇ ହଜାର ଏକ'ର
ଶ୍ରୀ ଗୁଣ୍ଡିଚା ପବିତ୍ର ତିଥି
ନୀଳଗିରର ଭଜନ ସଂଧ୍ୟା
ଅନୁରାଧା ଓ ମହାପ୍ରସାଦ ସହ
ପରିଚୟ କରାଇବାର ସ୍ମୃତି
ଉଜ୍ଜୀବିତ ଆଜି
ମୃତ୍ୟୁ ଯାଏ ଲିଭିବକି ମନୁ ।
ଜନ୍ମ ହେଲେ ମୃତ୍ୟୁ ତ ନିଶ୍ଚିତ
ତୁମ ମୃତ୍ୟୁ ମହାମୃତ୍ୟୁ
ଉତ୍କଳର କଳାକ୍ଷେତ୍ର ପରେ
ଶମନର ସାମର୍ଥ୍ୟ ବାହାରେ
ନେବା ପାଇଁ ଦୁର୍ଲ୍ଲଭ ଜୀବନ
ଦେବଦୂତ ଆସିଥିବେ
ଧରି ସ୍ୱର୍ଗବାହୀ ରଥ
ହୀନବୀର୍ଯ୍ୟ ଚିହ୍ନିବ କେମିତି
ପ୍ରଫୁଲ ଏ ମର୍ତ୍ତ୍ୟର
ଗନ୍ଧର୍ବ ଶ୍ରେଷ୍ଠ କଳାକାର ବୋଲି।

ତୁମକୁ ବିଦାୟ ଦେଇ ହେବ ନାହିଁ
ଦେବୁ ବା କେମିତି
ସଂଗୀତ ସାହିତ୍ୟ କ୍ଷେତ୍ରେ
ତୁମେ ଚିର ବର୍ଷିୟାନ!
ସ୍ୱାଗତ ସ୍ୱାଗତ
ପ୍ରଣାମ ପ୍ରଣାମ ।


♥ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
ମୋ:୯୪୩୭୩୭୨୧୬୬


## ନିୟତି

### ଶରତ କୁମାର ଦାସ



କେତେଦିନ ଏମିତି ଏକା ଏକା
ପତ୍ରଝଡା ଥୁଣ୍ଟାଗଛଟାରେ ବସି
ପକ୍ଷୀଟିଏ ଭଳି ଗାଉଥିବି ବେସୁରା ସଂଗୀତ
ଆଉ ଆଖିରୁ ଅଜାଡିପଡୁଥିବା
ବୁନ୍ଦା ବୁନ୍ଦା ପାଣି ସବୁକୁଏକାଠି କରି
ନିଦାମାଟିକୁ ଓଦାକରୁଥିବି।

ଆଉ କେତେଦିନ
ପବନକୁ ବଳ ଓ ଆକାଶକୁ ଢାଲ କରି
ଆୟୁଷସବୁକୁ ସାଉଁଟି ମାଳା ଗୁନ୍ଥୁଥିବି
ଫୁଲକୁ ରଙ୍ଗ ମାଗୁଥିବି
ନିଜ ସହ ସାଲିସ କରିକରି
ଜିଇଁବାର ଅଭିନୟ କରୁଥିବି ।

ଏପଟେ ଫାଶ ବସେଇ ଜଗିବସିଛି ବ୍ୟାଧ
ସମୟକୁ ଯାହା ଅପେକ୍ଷା କେବଳ
କୌଶଳରେ କରାୟତ୍ତ କରିବ ଯେମିତି
ଅପହଂଚ ହେବନି ଶିକାର ଏଥର ।

ଏବେ ଏବେ ଝଡ ଆସି ମଥା ପିଟିଲାଣି
ଆଶା ଓ ନିରାଶାରେ ଭାଙ୍ଗିପଡୁଛି ମୁଁ
ଜିତିବାର ଶକ୍ତି ଉଭେଇଯାଉଛି ହଠାତ୍
ଜାଣିଛି ମୋ ଶେଷ ପରିଣତି
ତଥାପି ଯୁଝିବାର ମୋହ ବି ଛାଡୁନି ।

ହାରିବା ଆଗରୁ ଶେଷଚିଠି ଲେଖିବି ନିଶ୍ଚୟ
ରକ୍ତର ରଙ୍ଗରେ ଅଣ୍ଟାକୁ ସଳଖ କରି,
ଗାଇବି ମୁଁ ଶେଷ ଗୀତ ମୋ ପ୍ରିୟ ପରିଜନ ପାଇଁ
ହସିବି ମୁଁ ଶେଷ ହସ ଠୋ' ଠୋ' କରି
କେବଳ ନିଜ ପାଇଁ ଯାହା ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
(ମୋ)୮୨୪୯୧୩୭୦୯୧


## ପରିବେଶ ସୁରକ୍ଷା

### ପ୍ରଦୀପ୍ତ ଆଚାର୍ଯ୍ୟ



ଜ୍ଞାନୀ ହୋଇ ଆମେ, ଅଜ୍ଞାନୀ ହେଉଛେ,
ଜାଣି ପାରୁନାହେଁ କିଛି,
ନିଜ ଗୋଡେ ନିଜେ, କୁରାଢୀ ମାରୁଛେ,
ବୃକ୍ଷ ଲତା ଦେଇ ପୋଛି।
ସମସ୍ତ ସ୍ଥାନର, ଉତ୍ତାପଟା ଆଜି,
ଚାଳିଶି ଉପରେ ଅଛି,
ଉତ୍ତାପବୃଦ୍ଧିର, କାରଣଟା କଣ,
ଜାଣିକି ପାରୁନେ କିଛି?
ବୃକ୍ଷ ରୋପଣଟା, ବଡ କଥା ନୁହେଁ,
ରକ୍ଷଣା ବେକ୍ଷଣ ବଡ,
କେତେ ବୃକ୍ଷ ଆମେ, ବଂଚାଇ ପାରିବା,
ପ୍ରଚାର ପ୍ରସାର ଛାଡ।
ନେଚର ଲଭର, ଡିଣ୍ଡିମ ପିଟୁଛେ,
ବନ ମହୋତ୍ସବ ପାଳି,
ସପ୍ତାହ ଭିତରେ, ଗଛତ ନଥାଏ,
ଖାଇଥାନ୍ତି ଗୋରୁ ଛେଳି।
ଯେଉଁ ଭାଇ ମାନେ, ବୃକ୍ଷ ରୋପଣର,
ଫଟୋ ସବୁ ଛାଡିଅଛେ,
ହିସାବ ଦେବାକି, ବରଷକ ମଧ୍ୟେ,
କେତେ ଗଛ ବଂଚାଇଚେ?
ରଖିଥିବା ଧ୍ୟାନ, ବୃକ୍ଷହିଁ ଜୀବନ,
ନିଜେ ବଂଚିବାର ପାଇଁ,
ଆଜି ଦିବସରେ, ନେବାରେ ଶପଥ,
ପରିବେଶ ରକ୍ଷା ପାଇଁ।


♥ ସମ୍ପାଦକ, ସମ୍ବାଦ ସାହିତ୍ୟ ଘର,
କିଶନନଗର, କଟକ
(ମୋ) ୬୩୭୧୫୯୩୨୨୦




## ତୁମେ ଆଉ ମୁଁ

### ପୁଷ୍ପାଞ୍ଜଳି ମିଶ୍ର



ତୁମେ ତୁମେ ମତେ ବୁଝି ପାରିଲ ନି
ସତରେ,
ଆଉ ଯଦି ବୁଝି ଥାନ୍ତ
ତେବେ ଅଭିମାନ କରି ନ ଥାନ୍ତ
ପ୍ରତି ମୂହୁର୍ତ୍ତକୁ ହସେଇ
ମଜେଇ ଚଳେଇ ନିଅନ୍ତ
ଆଉ ଲିଭେଇ ଦିଅନ୍ତ
ଯେତେ ଅଛି ସବୁ କ୍ଷତ ଆଉ ବିକ୍ଷତ
ଅବଶ ପ୍ରାଣରେ ସ୍ପନ୍ଦନ
ଭରି ଦିଅନ୍ତ
ଆଉ ନୂଆ କରି ଗଢି ତୋଳନ୍ତ
ସମ୍ପର୍କ ର ସୂତା ଖିଅ ଧରି
ପୁଣି ତିଆରି ହୁଅନ୍ତା
ସୁନ୍ଦର ସୁନେଲି ଇତିହାସ
ଆଉ ସବୁ ମାନ ଅଭିମାନ
ଉଭେଇ ଯାନ୍ତା
ସେ ପୁଣି ବିନା ଅନୁମତିରେ
ଆଉ ସୃଷ୍ଟି ହୁଅନ୍ତା
ସୁନ୍ଦର ଚିତ୍ତାକର୍ଷକ ଜୀବନ୍ତ
ପ୍ରେମର ପ୍ରତିକ
ଆଉ ତାର ସାକ୍ଷୀ ରୁହନ୍ତ ତୁମେ
ବାସ ଏତିକି
ମୁଁ
ଅଭିମାନ ରର ପାହାଡ ଉପରେ
ଠିଆ ହୋଇ
ଅଧା ଅଧୁରା ଥିବା
ପ୍ରେମକୁ ପୁରା କରିବା ପାଇଁ
ଜିଦ ଧରି ବସିଥାଏ
ସେଥିପାଇଁ ତ ପ୍ରେମ ଶବ୍ଦ ଟା
ଯେତେ ଭୟ ଙ୍କର ହେଲେ ବି
ବହୁତ ଭଲ ଲାଗେ
ଆଉ ସବୁଠାରୁ ମିଠା
ତା ଭିତରେ ବେଶୀ ଥାଏ
ଅଭିମାନ ଆଉ ମିଠା ଯନ୍ତ୍ରଣା
ତଥାପି କାହିଁକି
ସବୁ ଜାଣିବା ପରେ
ପୁଣି ଅପେକ୍ଷା ଆଉ ପ୍ରତୀକ୍ଷା
କିଛି ନୂଆ ନୂଆ ସ୍ୱପ୍ନକୁ ସାଉଁଟି
ତିଆରି କରି ବା ପାଇଁ
ଇଛା ହୁଏ ପ୍ରେମର ତାଜମହଲ
ହେଲେ ଫାଟ ପଡିଯାଏ
ଅଭିମାନର ପାଚେରୀ
ମିଛ ଅହମିକା କୁହୁଡି ରେ
ସବୁ ଯେମିତି ଦୂରେଇ ଯାଏ
ଦୂରକୁ ଦୂରକୁ
ଆଉ ସେଥିରେ ପ୍ରେମର ବଉଳ
ଚଣି ଧରିବା ଆଗରୁ
କୁହୁଡିରେ ପୋଡିଯାଏ
ଖାଲି ଯାହା ପଡି ରହିଥାଏ
ଦର ପୋଡା ଡେମ୍ଫ
ଏତେ ସବୁ ପରେ ବି ମୁଁ
କିଛି ଶବ୍ଦ ରେ ଲେଖିବସେ
ଅପେକ୍ଷା କରେ
ପୁଣି ଏକ ନୂଆ ସକାଳକୁ


♥ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧


## ହସୁଥିବ ଆମ ସୁନା ସଂସାର

### ଜୟନ୍ତ କୁମାର ମଲ୍ଲିକ୍



ପ୍ରିୟା ମୋ ଆସୁଛି ସବାରୀ ନେଇ
ପାଲିଙ୍କିରେ ତାକୁ ରହିଛି ଚାହିଁ ।

ମଥାରେ ପିନ୍ଧିଛି ନାଲି ସିନ୍ଦୂର
ତାଙ୍କ ଘର ଅଟେ ବହୁତ ଦୂର ।

ତୋଳିଛି ତା'ପାଇଁ ଛୋଟିଆ ଘର
ଦେଖିଲେ ଲାଗିବ ଭାରି ସୁନ୍ଦର ।

ମୋ ସାଥେ ରହିକି କାଟିବ ରାତି
ଫୁଲ ମାଳ ଦେଇ କରିବ ସାଥି ।

ଆମେ ଦୁଇଜଣ ସାଥେ ରହିବୁ
ପଛ କଥା ସବୁ ପାସୋରି ଯିବୁ ।

ନୂଆ ନୂଆ ଆଶା ମନରେ ନେଇ
ସଭିଙ୍କୁ ଆମେ ଯେ ଦେବୁ ହସାଇ ।

ସକାଳ ସଞ୍ଜରେ ଯିବୁ ମନ୍ଦିର
ହସୁଥିବ ଆମ ସୁନା ସଂସାର ।


♥ ଶୂରଡ଼ିହ, ନନ୍ଦିପୁର, ଯାଜପୁର
(ମୋ) ୯୪୩୭୮୬୫୭୨୭


## ଆରପାରି

### ଶ୍ରୀ ଚନ୍ଦ୍ରଶେଖର ସାହୁ

ନଈର ଆରପିରିରେ
ପୃଥିବୀ ମିଶିଯାଇଛି ଆକାଶ ସହ
ହାତ ଠାରି ଡାକେ ଯିବାକୁ ଆଗକୁ
ନଈ କିନ୍ତୁ ବାଟ ଓଗାଳେ
ଦୃଶ୍ୟରୁ ଦୃଶ୍ୟାନ୍ତରକୁ ମନ ଭରି ଭାବିବାକୁ
କିଛି ସମୟ ମିଳିଯାଏ ।

ଦୂର ସବୁଠାରୁ ସୁନ୍ଦର ବୋଲି..
ଆରପାରିର ଦୃଶ୍ୟ ଆଖିର ପରିଧି ଭିତରେ
ନାଚୁଥାଏ ଅହରହ ସକାଳଠୁଁ ସଞ୍ଜ ଯାଏ ।

ଫସଲକୁ ଜଗୁ ଥିବା ପାଳଭୂତମାନେ
ମୁଣ୍ଡ ଟେକି ଚାହୁଁଥା'ନ୍ତି
କିଏ ହୁଏତ ସେମାନଙ୍କୁ ଦେଖୁଛି ସେପାଖରୁ ।

ତାଳତମାଳ ଭିତରୁ ଗରଜୁ ଥିବା ହେଟା ବାଘକୁ
ଖାତିର ନକରି ନଈ ପଠାକୁ ଆସି
ସପନ କଥା କୁହନ୍ତି ।

ନଈ ପରା ଜୀବନର ଗପଟିଏ
କେତେ ଶବ୍ଦ ଶିଖେଇ ଦେଇଛି ଆମକୁ ଆଗରୁ।

ଏତେ ପରେବି
ରାତି ହେଲେ କାହା ଚିତା ଜଳେ
ଏପାଖରୁ ପହଁରି ପହଁରି ସେପାଖରେ
ପହଞ୍ଚିଲା ବେଳକୁ ଆରପାରି ନିଜର ହୋଇଯାଏ
ଏପାରି ସେପାରି ହୋଇଯାଏ ।

ଜନ୍ମ ଆଉ ମୃତ୍ୟୁର ଖେଳ ଭିତରେ
ବଡ଼ ସବୁ ସାନ ପରି ଦେଖା ହୁଅନ୍ତି
ଆଉ କିଛି ଭାବିବାକୁ ବେଳ ନଥାଏ
ମୁଁ ଯୋଉଠି ସେଇଠି
ସପନ ଦୋଳିରେ ଝୁଲୁଥାଏ ।


♥ କସପା, ଅହିୟାସ,
ଯାଜପୁର- ୭୫୫୦୩୬
(ମୋ) ୭୮୭୩୬୯୩୮୦୭


## ଏମିତି ଅନେକ ଇଚ୍ଛା

### ଅନୀତା ଦାସ୍

ଏବେ ଇଚ୍ଛା ନିରୁଦ୍ଧିଷ୍ଟ ହେଇ ଯିବାକୁ
ମିଛ ଆଶ୍ୱାସନାରୁ ବହୁ ଦୂରକୁ ଚାଲିଯିବାକୁ,
ମୋ ପାଇଁ ଥିବା ପ୍ରତିଟି ଆଳାପ,
ପ୍ରତିଟି ବିଳାପ ।
ମିଛ, ସବୁ ମିଛ
ସ୍ପୃହା ନାହିଁ ଆଉ ମିଛ ଦୁନିଆରେ ବଞ୍ଚିବାକୁ।
ପ୍ରତିଟି ସ୍ପନ୍ଦନ କୁହେ ମୋତେ
ଏହିକ୍ଷଣି ଥମିଯିବାକୁ,
ଆୟୁଷ ବାହାନା ମାତ୍ର ଯାହା ଜିଇଁବାକୁ
ପାହାନ୍ତିଆ ସ୍ୱପ୍ନ ବି ମୁହଁ ମୋଡୁଛି
ସତ ହେବାକୁ।
ମିଛ, ସବୁ ମିଛ
ସ୍ପର୍ଦ୍ଧା ନାହିଁ ଆଉ ସ୍ୱପ୍ନ ଦେଖିବାକୁ।

କେବେ ଦେଖିଛ କେହି ସ୍ୱପ୍ନ ଭାଙ୍ଗିବାର
ମୁଁ ଦେଖିଛି, ଅନୁଭବିଛି ଅତି ପାଖରୁ,
ଯନ୍ତ୍ରଣା ଖାଲି ଯନ୍ତ୍ରଣା
ଦେଉଛି ଜୀବନର ପ୍ରତିଟି ଫର୍ଦ୍ଦ।
ଇଚ୍ଛା ନାହିଁ ଆଉ ସଂଘର୍ଷ ଜୀବନ ବଞ୍ଚିବାକୁ।

ଚାହେଁ ଲୀନ କରିବାକୁ ମୋ ପରିଚୟ,
ହଜେଇବାକୁ ଚାହେଁ ମୋ 'ମୁଁ'ତ୍ୱକୁ,
ଏମିତି ଅନେକ ଇଚ୍ଛା ଅଛି ମନେ
ଯାହା ପୂରା କରିବାକୁ ଅସମର୍ଥ ମୁଁ।


♥ ଶିକ୍ଷୟିତ୍ରୀ, ଯାଜପୁର
ମୋ: ୯୮୫୩୦୩୯୨୬୦

# ଜୟପୁରରୁ କେବେ ଉଡ଼ିବ ବିମାନ ?

ମାଲକାନଗିରି,୦୬/୦୬ (ନି.ପ୍ର): ସରକାରଙ୍କ ଆନ୍ତରିକତାର ଘୋର ଅଭାବ ଯୋଗୁଁ ଜୟପୁରରୁ ବିମାନ ଉଡାଣ ପଦ୍ମ ଘୁଂଚି ଯାଉଥିବା, ଜୟପୁର ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଜୟପୁରରୁ ବିମାନ ଜୁନ ପହିଲାରୁ ଉଡିବ ବୋଲି ଦୃଢୋକ୍ତି ସାଙ୍ଗକୁ ଘୋଷଣା ଏବେ ପ୍ରହସନରେ ପରିଣତ ହୋଇଛି ଓ ବିଭିନ୍ନ ବର୍ଗର ଲୋକେ ବିମାନ ଯାତ୍ରା ଉଦ୍ଦେଶ୍ୟରେ ଟିକେଟ କାଟିବାକୁ ବିଭିନ୍ନ ୱେବସାଇଟ୍ ଖୋଜିଖୋଜି ନିରାଶ ହୋଇଥିବା ଆଲୋଚନା ହେଉଛି । ସୁନାବେଡାରେ ମିଗ୍ ବିମାନ ଲିନ୍ ତିଆରି କାରଖାନାର ଆରମ୍ଭ ସମୟରେ ୧୯୬୨ ମସିହାରେ ଜୟପୁର ବିମାନ ପଡିଆ ନିର୍ମିତ ହୋଇଥିଲା । ୧୯୮୦ ମସିହାରେ ଏଠାରୁ ବାୟୁଦୂତ ବିମାନ ଚଳାଚଳ କରୁଥିଲା । ସେଭଳି ଏୟାର ଓଡିଶାର ୯ ଆସନ ବିଶିଷ୍ଟ ବିମାନ ଗତ ୨୦୧୬ରେ ସ୍ୱଳ୍ପ ସମୟ ସକାଶେ ହେଲେ ମଧ ଜୟପୁରରୁ ଚଳାଚଳ କରିଥିଲା । ଜୟପୁର ବିମାନ ପଡିଆର ରନୱେର ଦୈର୍ଘ୍ୟ ଇତିମଧରେ ୯୧୨ ମିଟରରୁ ସମ୍ପ୍ରସାରଣ କରାଯାଇ ୧୫୦୦ ମିଟର ଯୋଜନା ରହିଥିଲେ ମଧ କାମ ଅସମ୍ପୂର୍ଣ୍ଣ ହେତୁ ବର୍ତମାନ ବିମାନ ଚଳାଚଳ ସକାଶେ ୧୨୦୦ ମିଟର ପ୍ରସ୍ତୁତ ହୋଇସାରିଛି । ସେଭଳି ଚଉଡା ୧୪ ମିଟରରୁ ୩୦ ମିଟରକୁ ବୃଦ୍ଧି କରାଯାଇଛି । ଜୟପୁରରୁ ବିମାନ ଚଳାଚଳ ଆରମ୍ଭ ହେଲେ ଜନସାଧାରଣଙ୍କ ଅପେକ୍ଷା ସରକାର ଅଧିକ ଲାଭବାନ ହେବେ । କାରଣ ଜୟପୁରରୁ ମାତ୍ର ୨୦ କିମି ଦୂର ଜିଲ୍ଲା ସଦର ମହକୁମା କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ , କେବିକେ କାର୍ଯ୍ୟାଳୟ ଓ ମେଡିକାଲ କଲେଜ ହସପିଟାଲ ରହିଛି । ସେହିଭଳି ୩୮ କିଲୋ ମିଟର ଦୂର ସୁନାବେଡାରେ ପ୍ରତିରକ୍ଷା ବିଭାଗର ମିଗ୍ ୨୧, ମିଗ୍ - ୨୯, ସୁଖୋଇ ଆଦି ଯୁଦ୍ଧ ବିମାନର ନିର୍ମାଣ ପ୍ରକଳ୍ପ ସାଙ୍ଗକୁ ନୌସେନାର କାର୍ଯ୍ୟାଳୟ, ଦାମନଯୋଡିରେ ଏସିଆର ସର୍ବ ବୃହତ ଆଲୁମିନା ପ୍ରକଳ୍ପ ନାଲକୋ ରହିଛି । ଜୟପୁରରୁ ବିମାନ ଚଳାଚଳ , ବିଭିନ୍ନ ସମୟେ ମାଓ ଉପଦ୍ରୁତ ମାଲକାନଗିରି ଇଲାକାକୁ ଭିଭିଆଇପିଙ୍କ ଗସ୍ତ ଅତ୍ୟନ୍ତ ସହଜସାଧ ହେବ । ଅବିଭକ୍ତ କୋରାପୁଟ ଜିଲ୍ଲାର ଅଧିକାଂଶ ସାଂସଦ ଓ ବିଧାୟକ ଆନ୍ଧ୍ରର ବିଶାଖାପାଟଣା ଯାଇ ସେଠାରୁ ବିମାନ ଯୋଗେ ପ୍ରାୟତଃ ଭୁବନେଶ୍ୱର ଓ ନୂଆଦିଲ୍ଲୀ ଯାତାୟତ କରୁଥିବାବେଳେ ଜୟପୁରର ବହୁ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ନୂଆଦିଲ୍ଲୀ ସମେତ ବାଙ୍ଗାଲୋର, ମୁମ୍ବାଇ, ପୁନେ, ହାଇଦ୍ରାବାଦ, ଚେନ୍ନାଇ ଆଦି ସ୍ଥାନରେ ବହୁ ଉଚ୍ଚ ପଦପଦବୀରେ କାର୍ଯ୍ୟରତ । ଏଣୁ , ଜୟପୁରରୁ ବିମାନ ଚଳାଚଳ ଆରମ୍ଭ ହେବାକ୍ଷଣି ରାଜ୍ୟର ଅନ୍ୟ ସ୍ଥାନ ଅପେକ୍ଷା ଜୟପୁରରୁ ଉଡାଣ ଅତିଶିଘ୍ର ବେଶ ସଫଳ ହେବ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଛି । ଜୟପୁର ବିମାନ ପଡିଆର ଅଗ୍ରଗତି କାର୍ଯ୍ୟ ତଦାରଖ ବାହାନାରେ କିଛି ରାଜନେତାଙ୍କ ସମେତ କିଛି ପଦାଧିକାରୀ ତୁହାକୁତୁହା ବିମାନ ଯୋଗେ ଗସ୍ତରେ ଆସି ରାଜକୋଷରୁ ଅଜସ୍ର ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିମାନ ଚାଲିବା ନେଇ ସମୟକୁ ସମୟ ଜୁନ ପହିଲା ଆଦି ତାରିଖ ଘୋଷଣାଭଳି ଅଯଥା ବୟାନବାଜି ଓ ବାହାସ୍ଫୋଟକୁ ସାଧାରଣରେ ନିନ୍ଦା କରାଯାଇଛି । ଜୁନ୍ ମାସ ୫ ତାରିଖ ହେଲାଣି, କିନ୍ତୁ ଜୟପୁର ବିମାନ ଘାଟିରୁ ବିମାନ ଉଡିବା ଭଳି ଲେଶମାତ୍ର ଚିହ୍ନବର୍ଣ୍ଣ ନାହିଁ । ଅବଶ୍ୟ ଇତିମଧରେ ବିମାନ ପଡିଆର ସୁରକ୍ଷା ବ୍ୟବସ୍ଥା ଯାଂଚ୍ ସକାଶେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ବୈଷୟିକ ଟିମ୍ ଅପ୍ରେଲ ପ୍ରଥମାର୍ଦ୍ଧରେ ଆସି ଜୟପୁର ବିମାନ ପଡିଆର ଅନୁଧାନ କରିବାସହ କୋରାପୁଟ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ଫେରିଯାଇଛନ୍ତି । ସେଭଳି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଯୁଗ୍ମ ସଚିବ ମଧ ଗତ ଅପ୍ରେଲ ଶେଷାର୍ଦ୍ଧରେ ଜୟପୁର ବିମାନ ଘାଟିର ବିକାଶମୂଳକ କାର୍ଯ୍ୟର ତଦାରଖ କରି ଫେରିଛନ୍ତି । ଜୟପୁର ବିମାନ ପଡିଆର ଆକୃତିକୁ ଭିତି କରି ପ୍ରଥମେ ଏଠାରେ ୯ ଆସନ ବିଶିଷ୍ଟ ବିମାନ ଚଳାଚଳ କରିବାକୁ ଥିବାବେଳେ ପରବର୍ତୀ ସମୟରେ ବିମାନ ପଡିଆର ସମ୍ପ୍ରସାରଣ ସମ୍ପୂର୍ଣ ପରେ ନଅ ଆସନ ବଦଳେ ବଡ଼ ବିମାନ ଚଳାଚଳ କରିବା ଯୋଜନା ରହିଥିବା ଜଣାପଡିଛି । ଯାହା ହେଉନା କାହିଁକି ଜୟପୁରରୁ ବିମାନ ଉଡିବାକୁନେଇ ବିଭିନ୍ନ ସମୟରେ ଦୃଢୋକ୍ତି ' କାଲି କାଲି ବୋଲି ପୁରିଲା ମାସ ଆହୁରି କହୁଛି କାଲିକି ଆସ '' ଭଳି ଏକ ପ୍ରକାର ପ୍ରହସନରେ ପରିଣତ ସାଙ୍ଗକୁ କୁହେଳିକା ପାଲଟି ଯାଇଥିଲେ ମଧ ବିମାନ ପଡିଆର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସାଙ୍ଗକୁ ଯଥାଶିଘ୍ର ଏଠାରୁ ବିମାନ ଚଳାଚଳକୁ ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଯତପରୋନାସ୍ତି ପ୍ରୟାସ ବେଶ୍ ପ୍ରଶଂସନୀୟ ।

# ରାଜ୍ୟସ୍ତରୀୟ ଆଲୋଚନା ଚକ୍ର

ବଲାଙ୍ଗିର,୦୬/୦୬ (ନି.ପ୍ର): ସାମ୍ବାଦିକ ଭବନ, ବଲାଙ୍ଗିରରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଆନୁକୁଲ୍ୟରେ ଏକ ରାଜ୍ୟ ସ୍ତରୀୟ ଶୈକ୍ଷିକ ଆଲୋଚନା ଚକ୍ର ଆଚାର୍ଯ୍ୟ ସୁଚିତ୍ର ସୁନାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଡ ମୁକେଶ ମହାଲିଙ୍ଗଙ୍କ ମୁଖ୍ୟ ଅତିଥିରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶାର ସମ୍ବଲପୁର, ବଲାଙ୍ଗିର, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ, ଝାରସୁଗୁଡା, ବରଗଡ, ନୁଆଁପଡା, କଳାହାଣ୍ଡି, ନବରଂଗପୁର, ରାୟଗଡା ପ୍ରଭୃତି ଜିଲ୍ଲାର ଶିକ୍ଷକ ପ୍ରତିନିଧି ଗଣ ଯୋଗଦାନ କରି ତାଙ୍କର ମୁଲ୍ୟବାନ ମତମତ ଉପସ୍ଥାପନ କରିଥିଲା । କୋଭିଡ-୧୯ ରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଥିବା ବେଳେ ଶିକ୍ଷକମାନଙ୍କୁ ଏଥି ପାଇଁ ଅଭିଭାବକମାନଙ୍କ ସହ ମିଶି ଦାୟିତ୍ୱବାନ ଭାବେ ଶିକ୍ଷାର ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ପଡିବ ବୋଲି ନିଷ୍ପତି ଗ୍ରହଣ କରାଗଲା । ଏହା ବ୍ୟତିତ ପୁରୁଣା ପେନସନ ସ୍କିମ, ଶିକ୍ଷକମାନଙ୍କ ସମାନ ଦରମା ଓ ସମାନ ପଦ ଘୋଷଣା, ଘରଭଡା, ମଧ୍ୟାହ୍ନ ଭୋଜନ ର ଦରବୃଦ୍ଧି ପାଇଁ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯିବାର ନିଷ୍ପତି ଗ୍ରହଣ କରାଗଲା । ଆଲୋଚନା ଚକ୍ରରେ ସମ୍ବଲପୁର ସଭାପତି ରାଜ କିଶୋର ସାହୁ, ବଲାଙ୍ଗିର ବ୍ଲକ ସଭାପତି ଅକ୍ଷୟ କୁମାର ପାଢୀ ଓ ସୁବର୍ଣ୍ଣପୁର ଜିଲ୍ଲା ସଂପାଦକ ପଂଚାନନ ମେହେରଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା । ସବିଶେଷରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିବା ପରେ । ବଲାଙ୍ଗିର ଜିଲ୍ଲା ମନୋନୟନ କମିଟି ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଶାନ୍ତିଲତା ସାହୁ, ସଂପାଦକ ଭାବେ ହରେକୃଷ୍ଣ ରଥ, ସାଂଗଠାନିକ ସଂପାଦକ ଭାବେ ଜିତେନ୍ଦ୍ର ମାଝି, ଆଂଚଳିକ ସଂପାଦକ ଭାବେ ରଘୁନାଥ ଷଡଙ୍ଗୀ, ପ୍ରକାଶ ପଣ୍ଡା ଓ ସତ୍ୟନାରାୟଣ ପୁରୋହିତ । ଉପସଭାପତି ଭାବେ ପ୍ରଶାନ୍ତ ପୁରୋହିତ, ବିଣାପାଣି ବୁଡେକ, ତୁଷାର କର୍ମୀ, ସହ ସଂପାଦକ ଭାବେ ରସୁଲ ଖାନ, ଅନୁପମା ପ୍ରହରାଜ, ଜୟଦେବ ବିଶି ଓ ଉପଦେଷ୍ଟା ଭାବେ ସୁଚିତ୍ରା ସୁନା, ସନ୍ତୁ ଭୂଷଣ ଡାଙ୍ଗ, ତପନ କୁମାର ଦାଶ, ପୃଷ୍ଟ ପୋଷକ ଆନନ୍ଦ ଯୋଷୀ, ଶଶି ଭୂଷଣ ପଟେଲ, ଅଶୋକ ସାହୁ ଙ୍କ ନାମ ଘୋଷଣା କରି ସଭା ସାଙ୍ଗ କଲେ । ଏହି ସଭାରେ ବଲାଙ୍ଗିର ଜିଲ୍ଲାରୁ ମଧୁ ସୁଦନ ନାୟକ, ଅନୁପମା ପ୍ରହରାଜ, ହରେକୃଷ୍ଣ ରଥ, ରଘୁନାଥ ଷଡଙ୍ଗୀ, ଶୈକ୍ଷିକ ସମସ୍ୟା ଆଲୋଚନା କରିଥିବା ବେଳେ, କଳାହାଣ୍ଡି ଜିଲ୍ଲାରୁ ସୁଧୀର ରଥ, ନୁଆଁପଡାରୁ ଯଶୋବନ୍ତ ପଣ୍ଡା, ବୌଦ୍ଧରୁ ପ୍ରମିଳା ପାଢୀ, ସୁବର୍ଣ୍ଣପୁରରୁ ଶଙ୍କର ପୂଝାରୀ, ବରଗଡରୁ ମୁକୁନ୍ଦ ମହରା, ସମ୍ବଲପୁରରୁ ରାଜ କିଶୋର ସାହୁ, ବାବୃ ବାହାନ ଭୋଇ, ଦିଲିପ ବହିଦାର ଝାରସୁଗୁଡା ରୁ ପ୍ରମୋଦ ନାୟକ ଏବଂ ଦେବଗଡରୁ ଘନଶ୍ୟାମ ସାହୁ ପ୍ରଭୃତି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

# ବିଶ୍ୱ ପରିବେଶ ଦିବସରେ ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ମାଲକାନଗିରି,୦୬/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମାର ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଗତ ମାସ ୩୦ ତାରିଖ ଠାରୁ ଚଳିତ ମାସ ୨ ତାରିଖ ପର୍ଯ୍ୟନ୍ତ ଦଣ୍ଡକାଳୀ ମନ୍ଦିରରେ ପୂଜା ପାଠ ସହ ହୋମ ଯଜ୍ଞ କରି ମହା ଧୁମ ଧାମରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଶେଷ ହୋଇଯାଇଛି । ମନ୍ଦିରର ସୌନ୍ଦର୍ଯ୍ୟ ବଢ଼ାଇବା ସହ ଗଛର ଆବଶ୍ୟକତା ରହିଥିବା ବେଳେ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ବନ ବିଭାଗ ଏବଂ ଜିଲ୍ଲା ସମ୍ବାଦ ସାହିତ୍ୟ ଆସର ପକ୍ଷରୁ ମନ୍ଦିର କମିଟିର ସଦସ୍ୟଙ୍କୁ ନେଇ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବନାଂଚଳ ଅଧିକାରୀ ଜଗନ୍ନାଥ ବିଶୋଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମ୍ବାଦ ସାହିତ୍ୟ ଆସରର ସଭାପତି ଡା. ରଞ୍ଜନ ସ୍ୱାଇଁ ଏବଂ ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ହରିସ ରୁପାଲ ଯୋଗ ଦେଇଥିଲେ । ମନ୍ଦିର କମିଟିର ସଭ୍ୟମାନେ ତଥା ସମ୍ପାଦକ ହେମନ୍ତ ମହାରଣା, କାର୍ଯ୍ୟକାରିଣୀ ସମ୍ପାଦକ ପ୍ରକାଶ ଖଟାଇ, ମନ୍ଦିର ପୂଜକ ରବୀନ୍ଦ୍ର ସାହୁ, ସୀମାଞ୍ଚଳ ପାଣିଗ୍ରାହୀ ପ୍ରମୁଖ ଆଜିର ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷକ ସୁକାନ୍ତ ସାହୁ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତାରକ ମଣ୍ଡଳଙ୍କ ସମେତ ବନ ବିଭାଗର କିଛି କର୍ମଚାରୀ ଏବଂ ଅଧାପକ ଡା. ଗୋକୁଳାନନ୍ଦ ପାତ୍ର, ଗୌତମ ନାୟକ, ଶିକ୍ଷୟତ୍ରୀ ପ୍ରତିମା ନାୟକ ଏବଂ ବିଜେପିର ନଗର ସମ୍ପାଦକ ମାଣିକ ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ରହି ମନ୍ଦିର ପରିସରରେ ଅଁଳା, ବଉଳ, କଦମ୍ବ ଗଛ ଏହିଭଳି ଅନେକ ବୃକ୍ଷ ରୋପଣ କରିଥିଲେ । ବୃକ୍ଷ ରୋପଣ ପରେ ଶ୍ରୀ ସ୍ୱାଇଁ ଏବଂ ରେଞ୍ଜ ଅଫିସର ଶ୍ରୀ ବିଷୋୟୀ ପରିବେଶ ଦିବସ ଉପରେ ତଥା ବୃକ୍ଷ ରୋପଣର ଉପକାରିତା ଏବଂ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବୃକ୍ଷ ରୋପଣ ଓ ବୃକ୍ଷର ଯତ୍ନନେବା ନିହାତି ଜରୁରୀ ବୋଲି ମଧ କହିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ୩ ବର୍ଷ ପରେ ମଧ ରାଣୀପୁର ଝରିଏଲ୍ ବିକାଶ ଅପେକ୍ଷାରେ: ସାଂସଦଙ୍କ ନଜରକୁ ଅଣା ଗଲା

ବଲାଙ୍ଗିର ୫ ଜୁନ ( ହି. ସ.) ଐତିହାସିକ ଯୋଗିନୀପିଠ ରାଣୀପୁର ଝରିଆଲ ଏବେ ଅବହେଳିତ । ଅବହେଳିତ ଷଷ୍ଠ ରୁ ନବମ ଶତାବ୍ଦୀରେ ଗଢି ଉଠିଥିବା ବିସ୍ତିର୍ଣ୍ଣ ପାହାଡ ଉପରେ ଦଣ୍ଡାୟମାନ ଐତିହାସିକ କିର୍ତ୍ତିରାଜି । ସେଥିପାଇଁତ ଏହିପୀଠର ଉନ୍ନତୀକରଣ ଓ ବିକାଶ ପାଇଁ ଖୋଦ ଭାରତର ପ୍ରଧାନମନ୍ତ୍ରୀ ୨୦୧୯ ଜାନୁଆରୀ ୧୫ ତାରିଖ ଦିନ ନିଜର ବଲାଙ୍ଗୀର ଗସ୍ତ ସମୟରେ ସାଢେ ଚାରି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବାର ଘୋଷଣା କରିବାସହ ଶୁଭ ଉଦଘାଟନ କରିଥିଲେ । ହେଲେ ପ୍ରଧାନମନ୍ତ୍ରୀଙ୍କ ସେହି ଘୋଷଣାକୁ ଅଦ୍ୟାବଧି ୩ ବର୍ଷ ବିତି ଯାଇଥିଲେ ହେଁ କେବଳ ପଥର ନିର୍ମିତ ୪ ଟି ଚେୟାର ଓ ଗୋଟିଏ କିଛି ଲେଖା ହୋଇନଥିବା ନାମ ଫଳକ ଛଡା ଉନ୍ନତୀକରଣ ଓ ବିକାଶ ଯୋଗିନୀପିଠ ପର୍ଯ୍ୟନ୍ତ ପହଂଚି ପାରିନାହିଁ । ଏହାକୁନେଇ ରାଣୀପୁର ଝରିଆଲ ମନ୍ଦିର କମିଟିର ଆବାହକ ଅନିଲ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅଂଚଳର ଜନ ପ୍ରତିନିଧି ମାନଙ୍କ ସହ କମିଟିର ବିଭିନ୍ନ ପଦାଧିକାରୀ ଓ ସ୍ଥାନିୟ ଲୋକେ ବଲାଙ୍ଗୀର ସାଂସଦ ଶ୍ରୀମତୀ ସଂଗୀତା ସିଂହଦେଓ ଙ୍କୁ ଭେଟି ଐତିହାସିକ ଯୋଗିନୀପିଠ କୁ ନେଇ ବିଭିନ୍ନ ଉନ୍ନତିର ଆଲୋଚନା କରିବାସହ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ବିକାଶ କାର୍ଯ୍ଯ ତ୍ୱରାନ୍ୱିତ କରାଇବା ପାଇଁ ନିବେଦନ କରିଥିଲେ । ତେବେ ସାଂସଦ ଶ୍ରୀମତୀ ସିଂହଦେଓ ଆର୍କିଓ ଲୋଜିକାଲ ସର୍ଭେ ଅଫ ଇଣ୍ଡିଆ (ଏଏସଆଇ) ର ଅଧିକ୍ଷକ ଙ୍କ ସହିତ ମୋବାଇଲ ଯୋଗେ କାହିଁକି କାମ ଆଗେଇ ପାରୁନି ପଚାରି ବୁଝିବାସହ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ । ତେବେ ଅଧିକ୍ଷକ ଟେଣ୍ଡର ଫାଇନାଲ ହୋଇଯାଇଛି ଶିଘ୍ର କାମ ଆରମ୍ଭ କରାଯିବ ବୋଲି କହିଥିଲେ । ଏବଂ ରାଣୀପୁର ଝରିଆଲ ପାଇଁ ଦୁଇ ପ୍ରକାର ଏଜେନ୍ସୀ ଓଟିଡିସି ଓ ଏଏସଆଇ ତରଫରୁ କାମ ହାତକୁ ନେଇଥିବା ଏବଂ ଓଟିଡିସି ପେରିଫେରି ଉନ୍ନତୀକରଣ କାମ କରିବ ବୋଲି ସୁଚନା ଦେଇଥିଲେ । ପରେ ସାଂସଦ ଶ୍ରୀମତୀ ସିଂହଦେଓ ୭ ତାରିଖ ଦିନ ହେବାକୁଥିବା ଦିଶା ମିଟିଙ୍ଗ ରେ ରାଣୀପୁର ଝରିଆଲ କଥା ଉଠାଇ ଉନ୍ନତୀକରଣ ସୁନିଶ୍ଚିତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ସାଂସଦ କଥାରେ କଥାରେ କହିଥିଲେ ଏଥର ରାଣୀପୁର ର ହକ ପାଇଁ ଲଢିବେ ନିଜେ ସେ ସାଂସଦ । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ମାଣିକ ଚନ୍ଦ ଜୈନ, ଝରିଆଲ ସରପଂଚ ଭରଦ୍ୱାଜ ଗହିର , ପର୍ମାନନ୍ଦ ଭୋଇ , ମନ୍ଦିର ପୂଜକ ଜଗମୋହନ ତ୍ରିପାଠୀ , ହେମନ୍ତ ସାହୁ , ନୌରାଜ ରଣା , ଝଲପ ସରପଂଚ ଙ୍କ ପ୍ରତିନିଧି ଗୋବିନ୍ଦ ପୁଟେଲ , ଅଳଣ୍ଡା ସରପଂଚଙ୍କ ପ୍ରତିନିଧି ତଥା ଯୁବନେତା ଯୁବରାଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ସାହିତ୍ୟରେ ଜୀବନର ରୂପାୟନ ଇ - ପାଠଚକ୍ର

ମାଲକାନଗିରି,୦୬/୦୬ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ମାଲକାନଗିରି ଶାଖା ତରଫରୁ ଏହାର ବିଚାରଧାରା ବିଭାଗ ଦ୍ୱାରା ଇ - ପାଠଚକ୍ରର ଆୟୋଜନ କରାଯାଇଥିଲା । ପ୍ରତ୍ୟେକ ମାସର ୪ ତାରିଖ ଦିନ ଆୟୋଜିତ ହେଉଥିବା ଉକ୍ତ ପାଠ ଚକ୍ରଟି ଦଶମ ସଂସ୍କରଣ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ଡାରୱିନ ମେମୋରିଆଲ ଉଚ୍ଚ ମାଧମିକ ବିଦ୍ୟାଳୟ କୁଡୁମୁଲୁଗୁମ୍ମାର ଓଡିଆ ବିଭାଗ ଅଧାପକ ନିରଞ୍ଜନ ସ୍ୱାଇଁ ବକ୍ତବ୍ୟ ରଖି ଥିଲେ । ସାହିତ୍ୟରେ ଜୀବନର ରୂପୟନ ସଂପର୍କରେ ଆଲୋଚନା କରି ବକ୍ତା ଜୀବନ ସହ ସାହିତ୍ୟର ନିରନ୍ତର ଆଦାନ ପ୍ରଦାନ ବିଷୟରେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ଲୋକ ସଂସଦର ଜିଲ୍ଲା ଶାଖା ସମ୍ପାଦକ ଡ . ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ । ଆଭାରାଣି ବିଶ୍ୱାଳଙ୍କ ସଂଯୋଜନା ରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧନା ମଣ୍ଡଳ ପ୍ରାରମ୍ଭିକ ମନ୍ତ୍ରପାଠ କରିଥିଲେ । ସୁଭସ୍ମିତା ସୁବୁଦ୍ଧି ବିବେକବାଣୀ ପାଠ କରିଥିଲେ ଓ ଦିପ୍ତିରେଖା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଭା ସମାପ୍ତିରେ ଗୋକୁଳାନନ୍ଦ ପାତ୍ର ମନ୍ତ୍ର ପାଠ କରିଥିଲେ ।

ଆଇସି ମାଧମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ରୁ ଅଧିକ ସଦସ୍ୟ ରାଜ୍ୟର ବିଭିନ୍ନ ଅଂଚଳରୁ ଯୋଗଦାନ କରିଥିଲେ ।

# କାମ କରି ପାରିଶ୍ରମିକ ଟଙ୍କା ମାଗିବାରୁ ଯୁବକକୁ ମରଣାନ୍ତକ ଆକ୍ରମଣ

ଘସିପୁରା ,୦୬/୦୬ (ନି.ପ୍ର): କାମ କରି ପାରିଶ୍ରମିକ ଟଙ୍କା ମାଗିବାରୁ ଯୁବକ କୁ ମରଣାନ୍ତକ ଆକ୍ରମଣ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ଢ଼ିଙ୍କିଆ ଛକ ନିକଟରେ । ଅଭିଯୋଗ ଅନୁଯାୟୀ ଢ଼ିଙ୍କିଆ ଗ୍ରାମର ସୁରେଶ ସାହୁ ପ୍ରାୟ ୬ମାସ ପୂର୍ବରୁ ଦାଶରଥିଙ୍କ ଦୋକାନ ଘର ରଙ୍ଗ କାମ କରିଥିଲେ । ପରେ ସୁରେଶ ଦାଶରଥିଙ୍କୁ କାମ କରିଥିବା ପାରିଶ୍ରମିକ ଟଙ୍କା ମାଗିଥିଲେ କିନ୍ତୁ ଦାଶରଥି ତାଙ୍କୁ ବିଭିନ୍ନ ଆଳ ଦେଖାଇ ଅନେକ ଦିନ ଧରି ଠକି ଆସୁଥିଲେ । ଏହା ପରେ ଗତକାଲି ସୁରେଶଙ୍କର ମା ଦାଶରଥିଙ୍କୁ ନିଜ ପୁଅ କାମ କରିଥିବାର ଟଙ୍କା ମାଗିବାରୁ ଦାଶରଥି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରିବାକୁ ଜୋତା ଉଠାଇଥିଲେ । ପରେ ତାଙ୍କ ମାଆ ଆସି ଘରେ ଜଣେଇବାରୁ ସୁରେଶ ସଂଗେ ସଂଗେ ତାଙ୍କ ଦୋକାନକୁ ଯାଇ ବାକିଥିବା ଟଙ୍କା ମାଗିବାରୁ ଏଥିରେ ଦାଶରଥି ଓ ତାଙ୍କ ଭାଇ ଉତ୍ୟକ୍ତ ହୋଇସୁରେଶଙ୍କୁ ଆକ୍ରମଣ କରିଥିଲେ ।

# ରାମ ଚରିତ ମାନସ ମନ୍ଦିର ସ୍ଥିତ ମହାଦେବ ମନ୍ଦିରରେ ଶିବ ପାର୍ବତୀ ବିବାହ

ବଲାଙ୍ଗୀର,୦୬/୦୬ (ନି.ପ୍ର): ଗତକାଲି ଶିତଳଷଷ୍ଠି ଉପଲକ୍ଷେ ଦେବାଦିଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ରାମ ଚରିତ ମାନସ ମନ୍ଦିର ସ୍ଥିତ ମହାଦେବଙ୍କ ମନ୍ଦିର ପରିସର ମଣ୍ଡପରେ ବୈଦିକ ରୀତି ନୀତି ଅନୁସାରେ ସମାପନ ହୋଇଯାଇଛି । ସନ୍ତୋଷ କୁମାର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବକାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଦେବା ଦି ଦେବ ମହାଦେବ ଓ ମାତା ପାର୍ବତୀଙ୍କ କର୍ତ୍ତା ରୂପେ ଦୁଇ ଯୋଡି ଭକ୍ତ ପିତା ମାତାଙ୍କ କାର୍ଯ୍ୟ ତୁଲାଇଥିଲେ । ମାତା ପାର୍ବତୀଙ୍କ କନ୍ୟା ପକ୍ଷରୁ ସରୋଜ ବାଇ ଅଗ୍ରୱାଲ ଓ ରଂଜନ କୁମାର ଅଗ୍ରୱାଲ ଥିବା ବେଳେ ବର ପକ୍ଷରୁ ଖୁସ୍‌ବୁ ବାଇ ଅଗ୍ରୱାଲ ଓ ସନ୍ଦୀପ କୁମାର ଅଗ୍ରୱାଲ ଉପସ୍ଥିତ ରହି ଯଥାରୀତି ପଣ୍ଡିତ ଦ୍ୱାରା ବିବାହ କାର୍ଯ୍ୟ ସମାପନ କରିଥିଲେ ।

ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ବର୍ଗର ଶ୍ରଦ୍ଧାଳୁ ସପତ୍ନୀକ ଯୋଗଦେଇ ବିଭୁକୃପା ଲାଭ କରିଥିବା ବେଳେ ଏହି ଉତ୍ସବରେ ସିଆରପିଏଫ୍ ୧୮୯ ବାଟାଲିୟନର କମାଣ୍ଡାଂଟ ପଓ୍ୱନ୍ କୁମାର ତିଓ୍ୱାରୀ ସପରିବାରେ ଯୋଗ ଦେଇଥିଲେ । ବିବାହ କାର୍ଯ୍ୟ ସମାପନ ପରେ ଭକ୍ତ ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।

# ଦିଲ୍ଲୀ ମଦର ଡ଼ାଇରୀକୁ ପଠାଗଲା ସମ୍ବଲପୁରୀ ଆମ୍ବ

ସମ୍ବଲପୁର,୦୬/୦୬ (ନି.ପ୍ର): ଆଜି ଦୀର୍ଘ ୨ବର୍ଷ ପରେ ପୁଣି ଥରେ ସମ୍ବଲପୁର ମାଟିର ମହକ ଆମ୍ବ ସୁଦୂର ଦିଲ୍ଲୀ ବଜାରକୁ ପଠାଯାଇଛି । କୁଚିଣ୍ଡା ବ୍ଲକର ଟାଙ୍ଗସର ଗ୍ରାମ ପଂଚାୟତର ପାର୍ବତୀ ଆମ୍ବ ଉତ୍ପାଦକ ଗୋଷ୍ଠୀର ସଦସ୍ୟ ମାନେ ଆମ୍ବ ଅମଳ ପରେ ସର୍ଟ, ଗ୍ରେଡ଼ ଏବଂ ପ୍ୟାକେଜ କରିଛନ୍ତି । ଆଜି ଟ୍ରେନ ଯୋଗେ ୧୭.୦୮ କ୍ୱିଂଟାଲ ଆମ୍ବ ଦେଶର ରାଜଧାନୀ ଦିଲ୍ଲୀର ମଦର ଡ଼ାଇରୀକୁ ପଠାଯାଇଛି । ଯାହା ଫଳରେ କି ସମ୍ବଲପୁର ମାଟିର ଆମ୍ବକୁ ଦିଲ୍ଲୀ ବାସୀ ଖାଇବାର ସୁଯୋଗ ପାଇବେ । ଜିଲ୍ଲା ପ୍ରଶାସନର ତତ୍ୱବଧାନରେ ଏବଂ ମିଶନ ଶକ୍ତି ସହିତ ମିଳିତ ଭାବରେ ଓରମାସ ଦ୍ୱାରା ଏହି ପ୍ରକ୍ରିୟା ସୁବିଧା କରାଯାଇଥିଲା । ଓରମାସ ପକ୍ଷରୁ ଶ୍ରୀମନ୍ତ ହୋତା, ମିଶନ ଶକ୍ତି ତରଫରୁ ଡ଼ିଏସଡ଼ବ୍ଲୁଓ ଗୀତାଞ୍ଜଳି ମହାପାତ୍ର, ନିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆମ୍ବ ପଠାଇବା ବ୍ୟବସ୍ଥା କରିଥିଲେ ।

# ଅଙ୍ଗନବାଡ଼ି ଘର ନାହିଁ: ଗଛ ତଳେ ବିପଦପୂର୍ଣ୍ଣ ଭାବରେ ବସୁଛନ୍ତି କୋମଳମତି ପିଲା

କନ୍ଧମାଳ ୫ ଜୁନ୍ (ହି. ସ.) - କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର ସରଦାପୁର ଅଙ୍ଗନୱାଡି ରେ ଅଧୟନ କରୁଥିବା ଛୋଟ ଛୋଟ ଶିଶୁ ମାନଙ୍କ ପାଇଁ ଅଙ୍ଗନବାଡ଼ି ଘରଟିଏ ନାହିଁ ।ପିଲା ମାନେ ଗଛତଳେ ବିପଦପୂର୍ଣ୍ଣ ଅବସ୍ଥା ରେ ଏକ ଦରି ପକାଇ ବସୁଛନ୍ତି, ତୁମୁଡିବନ୍ଧ ବ୍ଲକରୁ ମାତ୍ର ଚାରି କିଲୋମିଟର ଦୂର ସରଦାପୁର ଗ୍ରାମର ଅଙ୍ଗନବାଡ଼ି ଛାତ୍ରଛାତ୍ରୀ । ଅଙ୍ଗନାୱାଡି ଶିଶୁ ମାନଙ୍କ ନିମନ୍ତେ ଘର ନଥିବା ହେତୁ ସରଦାପୁର ଗ୍ରାମବାସୀ ୨୦୧୨ ମସିହା ରୁ ୨୦୧୫ ପ୍ରଯ୍ୟନ୍ତ ବ୍ଲକ ପ୍ରଶାସନ ର ଘୋଷ୍ଠୀ ଉନୟନ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ସରପଂଚ, ୱାର୍ଡ ମେମ୍ବର ଙ୍କୁ ଅନେକ ଥର କହିବା ପରେ । ୨୦୧୫ ମସିହା ରେ ଅଙ୍ଗନାୱାଡି ଘର ପାଇଁ ଟଙ୍କା ଆସିଥିଲା । ଏହାର ୭ ବର୍ଷ ବିତି ଯାଇଥିଲେ ମଧ ସେଠାରେ ଅଙ୍ଗନବାଡ଼ି ଘର ସମ୍ପୂର୍ଣ ହୋଇନାହିଁ । ଆଜକୁ ପ୍ରାୟ ୭/୮ ବର୍ଷ ହେବ ଅଙ୍ଗନୱାଡି ଛାତ୍ରଛାତ୍ରୀ ମାନେ ଏକ ଆମ୍ବ ଗଛ ମୂଳେ ବସୁଛନ୍ତି । ଅଙ୍ଗନବାଡ଼ି ଗୃହ ନ ଥିବା ଯୋଗୁଁ ଏବଂ ସେହି ଅଂଚଳରେ ବର୍ଷର ଅଧିକାଂଶ ସମୟରେ ବର୍ଷା ହେବା ଫଳରେ ସେହି ଦିନ ଛାତ୍ରଛାତ୍ରୀ ଙ୍କ ସ୍କୁଲ ବନ୍ଧ ହୋଇଯାଏ । ତୁମୁଡିବନ୍ଧ ଏକ ଆଦିବାସୀ ଅଂଚଳ ଏହାର ଚତୁର୍ଦ୍ଦିଗ ରେ ସଂରକ୍ଷିତ ଜଙ୍ଗଲ ଥିବା ହେତୁ ବର୍ଷର ୧୮୦ ଦିନ ବର୍ଷା । ବର୍ଷା ହେବା ଦ୍ୱାରା ସେହି ଗଛ ର ଡାଳ କେତେବେଳେ ଯେ ଛାତ୍ରଛାତ୍ରୀ ଙ୍କ ଉପରେ ପଡିବ ତାର ଠିକ୍ ଠିକଣା ନାହିଁ । କହିବାକୁ ଗଲେ ସେହି ଅଙ୍ଗନବାଡ଼ି ର ପିଲାମାନେ ପ୍ରକାର ବିପଦପୂର୍ଣ୍ଣ ଅବସ୍ଥା ରେ ବସୁଛନ୍ତି ।୧୦୧୫ ମସିହା ରେ ଅଙ୍ଗନୱାଡି ଘର ନିମନ୍ତେ ସାତ ଲକ୍ଷ ଟଙ୍କା ଆସିଥିବା ବେଳେ ଅଙ୍ଗନବାଡ଼ି ଘର ନିର୍ମାଣ ପାଇଁ ଦୁଇ ଲକ୍ଷ ଚବିଶ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି । ହେଲେ ଏ ପର୍ଯ୍ୟନ୍ତ ଅଙ୍ଗନବାଡ଼ି ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି । ଏଥିପାଇଁ ପାଇଁ ଦାୟୀ କିଏ ବୋଲି ପ୍ରଶ୍ନ କରିଛନ୍ତି ଅଭିଭାବକ ମାନେ । ଗ୍ରାମବାସୀ ମାନେ ସମ୍ବନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ପ୍ରତିମା ପ୍ରଧାନ ଙ୍କୁ ବହୁବାର ଏହି ବିଷୟରେ ଅବଗତ କରାଇଥିଲେ ମଧ ଏଥିପ୍ରତି ଯାଣିକି ବି ନ ଜାଣିଲା ପରି ବ୍ୟବହାର କରାଯାଉଛି ଆମ ଉପରେ ବୋଲି ପ୍ରତିକ୍ରିୟା ରଖିଛନ୍ତି ତ ଆଉ କେତେ ଗ୍ରାମବାସୀ ସମ୍ବନ୍ୱିତ ଶିଶୁ ବିକାଶ ଯୋଜନା ର ଅଧିକାରୀ ପ୍ରତିମା ପ୍ରଧାନ ବାକି ଟଙ୍କା କୁ ହଡପ କରିଛନ୍ତି ବୋଲି ମଧ ଶୁଣିବାକୁ ମିଳୁଛି । କିନ୍ତୁ ସତ୍ୟାସତ୍ୟ କଣ ଏହି ବାବଦରେ ରେ ତଦନ୍ତ କରି ଯଥା ଶିଘ୍ର ଅଙ୍ଗନବାଡ଼ି ଘରକୁ ସମ୍ପୁର୍ଣ୍ଣ କରାଇବାକୁ ଜିଲ୍ଲା ପ୍ରଶାସନ ନିକଟରେ । ଜିଲ୍ଲା ପ୍ରଶାସନ ଏଥିପାଇଁ ତୁରନ୍ତ ପଦକ୍ଷେପ ନ ନେଲେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନ କୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି ।

# ଶେଷ କାର୍ଯ୍ୟ ଦିନରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସ୍କୁଲ ତଦାରଖ ସମୟରେ ୭ ଶିକ୍ଷକ ଅନୁପସ୍ଥିତ

ମାଲକାନଗିରି ,୦୬/୦୬ (ନି.ପ୍ର): ମାଲକାନଗିରି ଗତ କାଲି ଜିଲ୍ଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା ଅଚାନକ ତଣ୍ଡିକି ପଂଚାୟତର କିଛି ସ୍କୁଲ ଗ୍ରସ୍ତ କରିଥିଲେ । ଗତକାଲି ଶିକ୍ଷାଦାନର ଶେଷ ଦିନ ହୋଇଥିଲେ ମଧ କିଛି ସ୍କୁଲର କେତଜଣ ଶିକ୍ଷକ ସ୍କୁଲରେ ଡେରିରେ ପହଁଚିବା ଏବଂ ଖରାଛୁଟି ପୂର୍ବରୁ ଆଗୁଆ ଗାଁ କୁ ଯାଇଥିବା ଶିକ୍ଷାଧିକାରୀଙ୍କ ନଜରରେ ଆସିଥିଲା । ଏହି ବାବଦରେ ବ୍ଲକ ଶିକ୍ଷାଅଧିକାରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ସେମାନଙ୍କ ନାଁରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଗୋଟିଏ ଦିନର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏ ବାବଦରେ ଜିଲ୍ଲା ପାଳଙ୍କୁ ଅବଗତ କରାଇଛନ୍ତି । ରାଜ୍ୟ ସରକାର ସ୍କୁଲ ଗୁଡ଼ିକ ଶିକ୍ଷା ଓ ପାରିପାର୍ଶ୍ୱିକ ପରିବେଶର ଉନ୍ନତି କରଣ ସହିତ ଉଚ୍ଚ ମାନର ଶିକ୍ଷା ପାଇଁ ୫ଟି ଅଧୀନରେ ଆଣିଥିବା ବେଳେଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ତଣ୍ଡିକି ଭଳି ଆଦିବାସୀ ବହୁଳ ଅଂଚଳର ସ୍କୁଲ ଗୁଡିକରେ ଏହି ଭଳି ବ୍ୟତିକ୍ରମ ଶିକ୍ଷା ବିଭାଗର କାର୍ଯ୍ୟ ପ୍ରଣାଳୀ ଉପରେ ଅ ଙ୍ଗୁଳି ନିର୍ଦ୍ଦେଶ କରିଛି । ଗତକାଲି ଶିକ୍ଷାଧିକାରୀଙ୍କ ଗ୍ରସ୍ତ ସମୟରେ ଅନୁପସ୍ଥିତ ଥିବା ଶିକ୍ଷକ ମାନେ ହେଲେ ବଣ୍ଡିକି ଉଚ୍ଚବିଦ୍ୟାଳୟର ଜିଲ୍ଲା ଶିକ୍ଷକ ସଭାପତି ତାରକ ମଣ୍ଡଳ ଓ ଅସୀମ ବିଶ୍ୱାସ, ଦାମଗୁଡ଼ାର ବିଜୟ ବେହେରା ଓ ଉମାଶାଙ୍କର ଡଙ୍ଗରି, ନାରାୟଣଗୁଡା ସ୍କୁଲର ଶୁସମା ବାରିକ , ବାହାଲ ଗୁଡ଼ା ସ୍କୁଲର ରାଜେଶ୍ୱରୀ ସେନାପତି, ଡଙ୍ଗଗୁଡ଼ା ପ୍ରାଥମିକ ବିଦ୍ୟାଳୟର ନାଗେଶ୍ୱର ପଟ୍ଟନାୟକ ଅନୁପସ୍ଥିତ ରହିଥିଲେ ।ଏହି ଶିକ୍ଷକଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଆଗକୁ ଦେଖିବାକୁ ବାକି ରହିଲା ।ଯଦି ଏମାନଙ୍କ ବିରୁଦ୍ଧରେ ଆଖିଦୃଶିଆ ପଦକ୍ଷେପ ନିଆ ନଯାଏ ତେବେ ଆଗାମି ଦିନରେ କିଛି କର୍ତବ୍ୟନିଷ୍ଠ ଶିକ୍ଷକଙ୍କ ପ୍ରତି ଏହା ଉପହାସ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି କ୍ଷ ଦାମାଗୁଡା ଗୁଡା ବିଦ୍ୟାଳୟ ର ଶିକ୍ଷକ ଉମାଶଙ୍କର ଡଙ୍ଗରି ପୂର୍ବରୁ ଶିକ୍ଷକତା ସହ ବିଭିନ୍ନ ଅନଲାଇନ ସଂସ୍ଥା ସହଭାଗିତାରେ ବ୍ୟବସାୟ କରିବା ସହ ବର୍ତ୍ତମାନ ଦୁବାଇ ଗ୍ରସ୍ତ ରେ ରହିଥିବା ବେଳେ ତାଙ୍କ ଛୁଟି ବାବଦରେ ମଣ୍ଡଳ ଶିକ୍ଷାଧିକାରୀ ଜାଣିନଥିବା ପ୍ରକାଶ କରିଛନ୍ତି ।

# ଭଏସ ଅଫ ରିପବ୍ଲିକ ଆନୁକୂଲ୍ୟରେ ଆଇନଜୀବୀଙ୍କ କର୍ମଶାଳା

ଭବାନୀପାଟଣା,୦୬/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ହୋଟେଲ ବିନାୟକ ଠାରେ ଆଜି ଦୟାନିଧି ଶର୍ମାଙ୍କ ପ୍ରଚେଷ୍ଟାରେ ଆଇନ ବିଚାର ବିଭାଗ ସଂସ୍କାର ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ବହୁ ପ୍ରତିଷ୍ଠିତ ବୁଦ୍ଧିଜୀବୀ ଏବଂ କଳାହାଣ୍ଡି ଜିଲ୍ଲାର ପ୍ରତିଷ୍ଠିତ ବ୍ୟକ୍ତି ମାନେ ଉପସ୍ଥିତ ରହି ସେମାଙ୍କର ବିଚାର ବ୍ୟକ୍ତ କରିଥିଲେ ।

ଉକ୍ତ ଆଲୋଚନାଚକ୍ରରେ ବରିଷ୍ଠ ଆଇନଜୀବୀ ଦୟାନିଧି ଶର୍ମା, ପିତାମ୍ବର ଭୋଇ ରେଜିଷ୍ଟ୍ରାର କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଅର୍ଚ୍ଚନା ଅଗ୍ରୱାଲ ଅଧକ୍ଷା ଦ୍ରୋଣାଚାର୍ଯ୍ୟ ସ୍କୁଲ, ସୁବ୍ରତ ବହିଦାର ସଭାପତି ବାର ଆସୋସିଏସନ, ସୁମନ କୁମାର ରଥ ଅଧକ୍ଷ ସି. ଜେ. କଲେଜ, ସନ୍ତୋଷ ମୁଣ୍ଡ ଓକିଲ, ବିଭୁତି ଭୂଷଣ ପଣ୍ଡା ପୂର୍ବତନ ଅତିରିକ୍ତ ଏସ ପି., ସୁବାସ ନାଏକ ପୂର୍ବତନ ଏମ. ପି. କୁଞ୍ଜ ସାହୁ ବରିଷ୍ଠ ରିପୋର୍ଟର, ଗୌରୀଶଙ୍କର ମିଶ୍ର, ସମୀର ମହାପାତ୍ର, ସୁଧୀର ପଣ୍ଡା, ବିରଂଚି କରୁଆ, ପଶ୍ଚିମ ଓଡିଶା ବ୍ୟୁରୋ, କୁସୁମ ଟି ଭି. ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନୀଳଗିରି ଉପଖଣ୍ଡ ଗୃହ ନିର୍ମାଣ ସମବାୟ ସମିତିରେ ୧୫ଜଣ ସଦସ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ

ନୀଳଗିରି, ୦୬/୦୬ (ନି.ପ୍ର): ନୀଳଗିରି ଉପଖଣ୍ଡ ଗୃହ ନିର୍ମାଣ ସମବାୟ ସମିତିର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୧୫ଜଣ ଯାକ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାର ନିର୍ବାଚନ ଅଧିକାରୀ ସୁବ୍ରତ ପତି ଘୋଷଣା କରିଛନ୍ତି । ନଂ୧ ଜୋନରୁ ପ୍ରଫୁଲ୍ଲ ମହାନ୍ତି, ୨ନଂ. ଜୋନରୁ ଗତିକୃଷ୍ଣ ନନ୍ଦ, ୩ ନଂ. ଜୋନରୁ ଅଶୋକ କୁମାର ସେଠୀ, ୪ନଂ. ଜୋନ ରୁ ରବିନ୍ଦ୍ର ଭୋଳ, ୫ନଂ. ଜୋନରୁ ସନ୍ତୋଷୀ ସ୍ୱାଇଁ, ୬ନଂ. ଜୋନ ରୁ ସୁରେନ୍ଦ୍ର ଦାସ, ୭ନଂ. ଜୋନ ରୁବତୀମଣି ସିଂ, ୮ନଂ. ଜୋନ ରୁ ସବିତା ନାୟକ, ୯ନଂ. ରୁ ପ୍ରମୋଦ ମହାପାତ୍ର, ୧୦ନଂ. ରୁ ଦୀପକ କୁମାର ନାୟକ, ୧୧ନଂ. ରୁ କଳ୍ପନା ମିଶ୍ର, ୧୨ ନଂ. ରୁ ପୂର୍ଣ୍ଣିମା ବାରିକ, ୧୩ ନଂ. ରୁ କଳ୍ପନା ସାହୁ, ୧୪ ନଂ. ରୁ ବୁଧଦେବ ସିଂ, ୧୫ନଂ. ରୁ ମହେନ୍ଦ୍ର ବେହେରା ନିର୍ଦ୍ଦନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।

## ଜବରଦଖଲକାରୀଙ୍କ ରାଜ ଚାଲିଛି ଉଦଳାରେ

ଉଦଳା, ୦୬/୦୬ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡରେ ଜବରଦଖଲକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଫଳରେ ନାହିଁନଥିବା ସମସ୍ୟା ମୁଣ୍ଡ ଟେକୁଥିବାରୁ ପରିଲକ୍ଷିତ ହେଉଛି । ମୋଟା ମୋଟି ଭାବରେ ଜବରଦଖଲକାରୀଙ୍କ ପାଇଁ ସମଗ୍ର କପ୍ତିପଦା ଉପଖଣ୍ଡ ବର୍ତ୍ତମାନ ଚରା ଭୂଇଁ ପାଲଟି ଯାଇଛି । ଜଙ୍ଗଲ, ଗୋଚର, ଅନାବାଦୀ ଜମି ଜବରଦଖଲ ପରେ ଏବେ ଅନ୍ୟ ଲୋକର ଟିକଟ ଜମିକୁ ବାହୁବଳ ଦେଖାଇ ଦଖଲ କରିବା ପାଇଁ ମଧ ପଛ ଘୁଞ୍ଚା ଦେଉନାହାଁନ୍ତି । ଫଳରେ ଏଠାରେ 'ଯୋରଯାର ମୁଲକତାର'ର ଅବସ୍ଥା ସୃଷ୍ଟି ହୋଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଏଥିନିମନ୍ତେ କପ୍ତିପଦା ଉପଖଣ୍ଡ ପ୍ରଶାସନ ପ୍ରୋତ୍ସାହନ ଯୋଗାଉଥିବାର ଅଭିଯୋଗ ଆମର ହସ୍ତଗତ ହୋଇଛି ।

## ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶଙ୍କୁ ମିଳିଲା 'ପ୍ରକୃତିବନ୍ଧୁ' ସମ୍ମାନ



ଉଦଳା, ୦୬/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ 'ବିଶ୍ୱ ପରିବେଶ ଦିବସ – ୨୦୨୨' ପାଳନ ଉତ୍ସବରେ ଉଦଳା ମହାବିଦ୍ୟାଳୟର ଅଧ୍ୟାପକ ସୌମେନ୍ଦ୍ର କୁମାର ଦାସଙ୍କୁ 'ପ୍ରକୃତିବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଛି । ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ଛାତ୍ର ଛାତ୍ରୀ ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ମାନଙ୍କୁ ସଚେତନ କରି ସାକାରାତ୍ମକ ପଦକ୍ଷେପ ନେବାରେ ସେ ସର୍ବଦା ଚେଷ୍ଟା ଚଳାଇଥାଆନ୍ତି । ବିଶେଷ କରି ପ୍ରାକୃତିକ ଜଙ୍ଗଲର ସୁରକ୍ଷା, ଗ୍ରୀଷ୍ମ ଋତୁରେ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧ୍ୟାପକ ଶ୍ରୀଯୁକ୍ତ ଦାସଙ୍କୁ ଏହି ପୁରସ୍କାର ମିଳିଥିବାର ଜଣାଯାଇଛି । ସେହିପରି ଗତ ୨୦୧୫ ମସିହାରେ ସେ ରାଜ୍ୟ ସ୍ତରୀୟ 'ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ ।

# ଭାଜପା ଓବିସି ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ




ବାରିପଦା, ୦୬/୦୬ (ନି.ପ୍ର): ଆଜି ବାରିପଦା ତକତପୁର ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ବି.ଜେ.ପି ଓ.ବି.ସି ମୋର୍ଚ୍ଚାର ପ୍ରଥମ କାର୍ଯକାରିଣୀ ବୈଠକ ଓବିସି ମୋର୍ଚ୍ଚା ର ଜିଲ୍ଲା ସଭାପତି ବ୍ରଜମୋହନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସାଧାରଣ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବରେ ରାଜ୍ୟ ସମ୍ପାଦକ ତଥା ମୟୂରଭଂଜ ଜିଲ୍ଲା ପ୍ରଭାରୀ ସିଧାର୍ଥ ଶଂକର ପତି, ସମ୍ମାନୀତ ବକ୍ତା ଭାବରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ପୂର୍ବତନ ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଶୋଭାବତୀ ଓତା, ରାଷ୍ଟ୍ରିୟ ଆଦିବାସୀ ମୋର୍ଚ୍ଚା ସଦଶ୍ୟ ସୁଗୁଦା ମୁର୍ମୁ, ସୁଜାତା ମୁର୍ମୁ, ମମତା ମଣ୍ଡଳ, ସରୋଜିନୀ କିସ୍କୁ, ପ୍ରଦୀପ ପରିଡା, ପ୍ରବୀଣ ପାତ୍ର, ବଳରାମ ସାହୁ, ରାଜଗୁପ୍ତା ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପଛୁଆବର୍ଗ ମାନଙ୍କର ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରାଇବା ଉଲ୍ଲେଖନୀୟ ପଦକ୍ଷେପମାନ ଗ୍ରହଣ କରି କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ସର୍ବାଧିକ ୨୭ ଜଣ ଓବିସି ବର୍ଗର ମନ୍ତ୍ରୀଙ୍କୁ ସାମିଲ କରିବା, ଶିକ୍ଷା କ୍ଷେତ୍ରରେ ଓବିସି ଛାତ୍ରଛାତ୍ରୀ ମାନଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ସାଙ୍ଗକୁ ମେଡିକାଲ ଓ ଡେଣ୍ଟାଲ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ରଭାବେ ୨୭ ପ୍ରତିଶତ ସଂରକ୍ଷଣ ଘୋଷଣା କରିବା, ସରକାରୀ ତଥା ପବ୍ଲିକ ସେକ୍ଟରରେ କମ୍ପାନୀ ଗୁଡିକର ନିଯୁକ୍ତି କ୍ଷେତ୍ରରେ ମଧ ୨୭ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିବା, ଓବିସି ବର୍ଗର ଯୁବକ ଯୁବତୀ ମାନଙ୍କୁ ଆତ୍ମ ନିର୍ଭର କରିବା ପାଇଁ ଓବିସି ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରସନ ମାଧମରେ ଋଣ ଯୋଗାଣ, ସ୍କିଲ ଟ୍ରେନିଂ ଓ କର୍ମନିଯୁକ୍ତିର ବ୍ୟବସ୍ଥା କରିବା ଭଳି ପଦକ୍ଷେପ ମାନ ନେଇଥିବା ବେଳେ, ରାଜ୍ୟରେ ବସବାସ କରୁଥିବା ୫୨ ଶତକଡା ଓବିସିଙ୍କୁ ରାଜ୍ୟ ସରକାରଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ କରିଛନ୍ତି ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ପଛୁଆବର୍ଗଙ୍କୁ ସର୍ବଭାରତୀୟ ସ୍ତରରେ ୨୭ ପ୍ରତିଶତ ସଂରକ୍ଷଣ ମିଳୁଥିବା ବେଳେ ଆଶ୍ଚର୍ଯ୍ୟ ଜନକଭାବେ ରାଜ୍ୟ ସରକାର ତାକୁ ୧୧-୨୫ ଶତକଡା ଘୋଷଣା କରି ମାତ୍ର ୨/୩ ପ୍ରତିଶତ ସଂରକ୍ଷଣ ଦେଇ ଧର୍ମକୁ ଆଖୁଠାରୁ ମାରୁଛନ୍ତି । ଆତ୍ମ ନିର୍ଭର ଓ ଆତ୍ମ ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ଋଣ ଓ ଅନ୍ୟାନ୍ୟ ସୁବିଧା ଓବିସି ଡେଭଲପମେଣ୍ଟ ଫାଇନାସ୍ କୋପରେଟିଭ କର୍ପୋରେସନ ୨୦୦୮ ମସିହାରୁ ଆଜି ପର୍ଯ୍ୟନ୍ତ ଜଣେବି ବେକାର ଯୁବକ ଯୁବତୀ ଋଣ କିମ୍ବା ସ୍କିଲ ଟ୍ରେନିଙ୍ଗ ଦେଇନାହିଁ । ଏପରିକି ସଂସ୍ଥାର ଜଣେ ମଧ ପୂର୍ଣ୍ଣକାଳୀନ ଅଧିକାରୀ ନଥିବାରୁ ରାଜ୍ୟ ସରକାରଙ୍କ ଓବିସି ଉନ୍ନୟନ ମନୋବୃତି ସ୍ପଷ୍ଟ ବାରି ହେଇଯାଉଛି ବୋଲି ବକ୍ତାମାନେ କହିଥିଲେ । ଦୀର୍ଘଦିନ ଧରି ଖାଲି ପଡିଥିବା ରାଜ୍ୟ ଓବିସି କମିଶନକୁ ଗଠନ କରିବାକୁ ପଛୁଆବର୍ଗ ତରଫରୁ ବାରମ୍ବାର ଦାବୀ ପରେ ମଧ ରାଜ୍ୟ ସରକାର କର୍ଣ୍ଣପାତ କରୁ ନଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ସେହିପରି ପଂଚାୟତ ନିର୍ବାଚନ ସଂରକ୍ଷଣରେ ଓବିସିଙ୍କୁ ରାଜ୍ୟ ସରକାର ଉପେକ୍ଷା କରିଛନ୍ତି । ୧୯୯୬ ମସିହାରୁ ଆଜି ପର୍ଯ୍ୟନ୍ତ ପଂଚାୟତ ଓ ପୌର ନିର୍ବାଚନରେ ଓବିସି ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଚାଲି ଆସୁଥିବା ବେଳେ ରାଜ୍ୟ ସରକାର ଷଡଯନ୍ତ୍ର କରି ଓବିସି ସଂରକ୍ଷଣକୁ ଯଥେଷ୍ଟ କମାଇ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦିଲ୍ଲୀ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ....

ଦେଇଥିଲେ ଯେଉଁଠାରୁ ସେ କିଛି ଶୁଣି ପାରିନଥିଲେ କିନ୍ତୁ ଏହି ପ୍ରକ୍ରିୟା ଦେଖିପାରିନଥିଲେ । ବିଚାରପତି ଜୁନ୍ ୩ ରେ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆବେଦନ ଉପରେ ଏହାର ଆଦେଶ ସଂରକ୍ଷିତ ରଖିଥିଲେ। ବିଚାରପତି କହିଛନ୍ତି ଯେ ଆମ୍ ଆଦମୀ ପାର୍ଟି ନେତାଙ୍କ ବିରୋଧରେ କୌଣସି ଏଫଆଇଆର କିମ୍ବା ଅଭିଯୋଗ ପଞ୍ଜୀକୃତ ହୋଇନାହିଁ, ତେଣୁ ସେ ତାଙ୍କ ବିବୃତ୍ତି ରେକର୍ଡ କରିବା ସମୟରେ ତାଙ୍କ ଓକିଲଙ୍କ ସହ ଯୋଗଦେବାର ଅଧିକାର ଦାବି କରିପାରିବେ ନାହିଁ। ଅଗଷ୍ଟ ୨୪ ରେ ପରବର୍ତ୍ତୀ ଶୁଣାଣି ପାଇଁ ଅଦାଲତ ଏହି ମାମଲା ତାଲିକାଭୁକ୍ତ କରିଛନ୍ତି । ମନି ଲଣ୍ଡରିଂ ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସତ୍ୟେନ୍ଦ୍ର ଜୈନଙ୍କୁ ଗିରଫ କରାଯାଇଥିଲା ଏବଂ ମେ ୩୧ ରେ ଟ୍ରାଏଲ କୋର୍ଟ ତାଙ୍କୁ ଜୁନ୍ ୯ ପର୍ଯ୍ୟନ୍ତ ଇଡି ହେପାଜତରେ ପଠାଇ ଦେଇଥିଲେ।

### ବଢ଼ିଲା ଅଭିନେତା ସଲମାନ....

ସଲିମ ଖାନ । ଥକ୍କା ମେଂଟାଇବା ପାଇଁ ସଲିମ ଏକ ବେଂଚ୍ରେ ବସିଥିବାବେଳେ ଗୋଟିଏ ସନ୍ଦିଗ୍ଧ ଚିଠି ଦେଖିବାକୁ ପାଇଥିଲେ । ଚିଠି ଖୋଲି ପଢିଥିଲେ ଓ ସେଥିରେ ସଲମାନଙ୍କୁ ହତ୍ୟା ଧମକ ଦିଆଯାଇଥିବା ଜାଣିବାକୁ ପାଇଥିଲେ । ସଲିମ ଖାନ ତୁରନ୍ତ ଏହି କଥା ଘର ଲୋକଙ୍କୁ ଜଣାଇଥିଲେ । ପରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ ସଲମାନଙ୍କ ପରିବାର । ମୁମ୍ବାଇ ପୁଲିସ ସନ୍ଦେହ ପ୍ରକାଶ କରିଛି କି ସଲମାନ ଓ ତାଙ୍କ ପରିବାର ଲୋକଙ୍କ ଗତିବିଧି ଉପରେ ଲଗାତାର ନଜର ରଖାଯାଉଛି । ତେଣୁ ସଲିମ ଖାନଙ୍କ ପିଛା କରି ଚିଠି ଆକାରରେ ହତ୍ୟା ଧମକ ଦେଇଛନ୍ତି ଦୁର୍ବୃତ୍ତ । ହତ୍ୟା ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଛି । ସଲମାନଙ୍କ ପରିବାର ପକ୍ଷରୁ ଏତାଲା ଦାୟର ପରେ ବାନ୍ଦ୍ରା ପୁଲିସ ଆଇପିସି ଧାରା ୫୦୭ ଆଧାରେ ମାମଲା ଦାୟର କରିଛି । ମୁମ୍ବାଇ ପୁଲିସ ଦୁଇଟି ଦିଗରେ ଘଟଣାର ଯାଂଚ ଆରମ୍ଭ କରିଛି । ଅଣ୍ଡରୱାର୍ଲ୍ଡରର ହାତ ରହିଥିବା ସନ୍ଦେହ ଓ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଶ୍ନୋୟୀର ପୂର୍ବରୁ ଦେଇଥିବା ଧମକ ଆଧାରରେ ପୁଲିସ ତଦନ୍ତ କରୁଛି । ଘଟଣାସ୍ଥଳ ଆଖପାଖରେ ସ୍ଥାନରେ ଯାଂଚ କରିବା ସହ ସିସିଟିଭି ଫୁଟେଜ ଆଧାରେ ସୁରାକ ହାତେଇବାକୁ ଚେଷ୍ଟା କରୁଛି । ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡକୁ ନେଇ ମାହୋଲ ଗରମ ଥିବାବେଳେ ଏବେ ସଲମାନ ଓ ସଲିମ ଖାନଙ୍କୁ ହତ୍ୟା ଧମକ ମୁମ୍ବାଇ ପୁଲିସର ନିଦ ହଜାଇଛି । ତିହାର ଜେଲରେ ବନ୍ଦ ଥିବା ସିଙ୍ଗର ଗ୍ୟାଙ୍ଗଷ୍ଟର ଲରେନ୍ସ ବିଶ୍ନୋୟୀ ୨୦୧୮ ମସିହାରେ ସଲମାନଙ୍କୁ ଖୁଲ୍ଲମଖୁଲା ହତ୍ୟା ଧମକ ଦେଇଥିଲା । ତେଣୁ ଅନେକ ସନ୍ଦେହ ଭିତରେ ପୁଣି ଏହି ହତ୍ୟା ଧମକ ସଲମାନଙ୍କ ଜୀବନ ପ୍ରତି ଥିବା ବିପଦ ଆଶଙ୍କାକୁ ବୃଦ୍ଧି କରିଛି ।

# ଆମ୍ବଗଡିଆ ବିକାଶମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସଭା ବୃକ୍ଷରୋପଣ କାର୍ଯ୍ୟକ୍ରମ



ବସ୍ତା, ୦୬/୦୬ (ନି.ପ୍ର): ରୂପସା ଆମ୍ବଗଡିଆ ଭଗବାନପୁର ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଶ୍ୱ ପରିବେଶ ଦିବସ ଅବସରରେ ପାଳିତ ହୋଇଯାଇଅଛି । ଏହି ଉତ୍ସବରେ ମଞ୍ଚର ପ୍ରତିଷ୍ଠାତା ଭଗବାନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭଗବାନପୁର ବୈଠକ ବଙ୍ଗଳା ସଭାଗୃହରେ ଏକବଣ୍ୟାଢ୍ୟ ପରିବେଶରେ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା । ପରିଷଦର ସ୍ଥାୟି ସଭାପତି ଅର୍ନ୍ତଯ୍ୟାମି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ଅଧ୍ୟାପକ ଜଗଦିଶଚନ୍ଦ୍ର ପଟନାୟକ ସଭାପତିତ୍ୱ କରିଥିବା ବେଳେ ମଞ୍ଚ ପରି ଚାଳନା ଓ ଅତିଥି ପରିଚୟ କରିଥିଲେ ସମୟଚକ୍ର ସମ୍ପାଦକ ସର୍ବେଶ୍ୱର ଯେନା । ମୁଖ୍ୟ ଅତିଥିଭାବେ ବେତନଟି ବିଦ୍ୟୁତ ବିଭାଗର କନିଷ୍ଠଯନ୍ତ୍ରୀ ଅଶ୍ୱନୀକୁମାର ସାହୁ, ମୁଖ୍ୟବକ୍ତା ନିଳମଣି ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ତପନକୁମାର ବେହେରା, ସମ୍ମାନୀତ ଅତିଥି ବରିଷ୍ଠ ସାମ୍ବାଦିକ ବିଜୟକୁମାରଭୂୟାଁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅବସର ଏବିଓ ଜୟନ୍ତ ପାଣିଗ୍ରାହୀ, ସମାଜସେବୀ ବିଶିଷ୍ଟବ୍ୟବସାୟ ସୁମନ୍ତ ଜେନା, ସମେତ ସାମ୍ବାଦିକ ସଞ୍ଜୟ ସାମଲ, ସୁଶାନ୍ତ ପ୍ରଧାନ, ଜଗତକୁମାରଗିରି, ସାନ୍ତନୁପାତ୍ର, ମନୋରଞ୍ଜନ ବେହେରା, ଦିବ୍ୟରଞ୍ଜନ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ସୁଚିରାମ ମୁର୍ମୁ, ସତ୍ୟନାରାୟଣ ପ୍ରଧାନ, କୁଡା ହେମ୍ବ୍ରମ, ସମେତ ବିକାଶ ପରିଷଦର ସମସ୍ତକର୍ମକର୍ତ୍ତା। ଉପସ୍ଥିତରହି ବିଭିନ୍ନ ପ୍ରଜାତିର ବୃକ୍ଷ ଅତିଥିମାନେ ରୋପଣ କରିଥିଲେ । ଅତିଥିମାନେ ଜଗନ୍ନାଥଙ୍କ ନିକଟରେ ଧୂପ, ଦୀପ ପ୍ରଜ୍ୱଳନ କରିଥିବା ବେଳେ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ । ଶିକ୍ଷୟତ୍ରୀ ଭକ୍ତିରାଣୀ ମହାନ୍ତି ବିବରଣି ପାଠକରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗର ପଦ ଅଧିକାରୀ ଓ ସାମ୍ବାଦିକ ମାନଙ୍କୁ ଉତ୍ତରିୟ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶିକ୍ଷକ ବିଶ୍ୱନାଥ ପ୍ରଧାନ ଧନ୍ୟବାଦ ଯଣାଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ ।

# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ କମିଟିର ଦ୍ୱିତୀୟ ବୈଠକ

ଭୁବନେଶ୍ୱର, ୦୬/୦୬ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ କମିଟିର ଦ୍ୱିତୀୟ ବୈଠକ ବରିଷ୍ଠ ବିଧାୟକ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ସମାଜର ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସବୁବେଳେ ପ୍ରାଧାନ୍ୟ ଦେଇଆସିଛନ୍ତି । ଶିକ୍ଷାର ବିକାଶ ଦ୍ୱାରା ହିଁ ସେମାନଙ୍କୁ ସଂପୂର୍ଣ୍ଣ ରୂପେ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ସମାଜର ପଛୁଆବର୍ଗଙ୍କ ଶିକ୍ଷା, ପାଠ୍ୟପୁସ୍ତକ ଓ ଛାତ୍ରାବାସଗୁଡ଼ିକର ଉନ୍ନତିକରଣ ଉପରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। ସମସ୍ତ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଅଧ୍ୟକ୍ଷ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ ଶଙ୍କର ଓରାମ୍, ସାଲୁଗା ପ୍ରଧାନ, ପର୍ଶୁରାମ ଧଡ଼ା, ବିଜୟ ଶଙ୍କର ଦାସ, ପୂର୍ଣ୍ଣଚନ୍ଦ୍ର ବାକା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା, ବିଧାନସଭା ସଚିବ ଦାଶରଥୀ ଶତପଥୀ, ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତୀ ଗୁହା ପୁନମ ତାପସ କୁମାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ



ଭଦ୍ରକ, ୦୬/୦୬ (ନି.ପ୍ର): ସାଳନ୍ଦୀ ନଦୀ କୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଜଣେ ଯୁବତୀ ନଦୀ ପଠାରେ ପଡ଼ି ଗୁରୁତର ଅବସ୍ଥାରେ ଭଦ୍ରକ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ ଭଦ୍ରକ ସହର ର ବାଇପାସ୍ ନିକଟସ୍ଥ ରାଜଘାଟ ବ୍ରିଜ ଉପରୁ ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରି ତଳକୁ ଡେଇଁ ପଡ଼ିଥିବା ବେଳେ ଦୁଇ ବ୍ରିଜ ମଝି ଭାଗ ପଠାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦେଖିବା ପରେ ଯୁବତୀ ଜଣଙ୍କୁ ଉଦ୍ଧାର କରି ଭଦ୍ରକ ଡ଼ାକ୍ତରଖାନାରେ ଭର୍ତ୍ତି କରି ଛନ୍ତି। ଯୁବତୀ ଜଣକ କୋଠାର ଅନ୍ନପୂର୍ଣ୍ଣା ଗ୍ରାମର ସଦାଶିବ ପାଣିଗ୍ରାହୀଙ୍କ ଝିଅ ସୂର୍ଯ୍ୟୋସ୍ମିତା ପାଣିଗ୍ରାହୀ ବୋଲି ଜଣାପଡ଼ିଥିବା ବେଳେ ଆତ୍ମହତ୍ୟା ର କାରଣ ଏବେବି ଅସ୍ପଷ୍ଟ ରହିଛି। ତେବେ ପୋଲିସ ପକ୍ଷରୁ ଘଟଣା ର ତଦନ୍ତ ଆରମ୍ଭ କରାଯାଇଥିବା ନେଇ ସୂଚନା ରହିଛି।

## ଉତ୍କଳ ସର୍ବୋଦୟ ମଣ୍ଡଳ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

ଭଦ୍ରକ, ୦୬/୦୬ (ନି.ପ୍ର): ମହାତ୍ମାଗାନ୍ଧୀଙ୍କର ହରିଜନ ପଦଯାତ୍ରାର ସ୍ମାରକୀ ପାଳନ ଉପଲକ୍ଷେ ଗରଦପୁର ସ୍ଥିତ ଗାନ୍ଧୀ ଓଡିଶା ବାଳାଶ୍ରମ ପରିସରରେ୫, ୬ ଦୁଇ ଦିନ ଧରି ଚାଲିଥିବା ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଯାଇଛି । ମଣ୍ଡଳର ସଭାପତି କୈଳାସ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଗାନ୍ଧିଜୀଙ୍କ ସହ ଭଦ୍ରକର ସମ୍ପର୍କ, ସାମ୍ପ୍ରଦାୟିକ ସଦଭାବ, ଗଣମାଧ୍ୟମରେ ଗାନ୍ଧିଜୀଙ୍କ ଅପପ୍ରଚାର ବିରୋଧରେ ସଚେତନତା ଓ ନିଶା ନିବାରଣ ପ୍ରଭୃତି ଉପରେ ଆଲୋଚନା ସହିତ ସାଙ୍ଗଠନିକ ପୁନଃ ବିନ୍ୟାସ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡ଼ଃ ଶଶଧର ଦାଶ, ଅଜୟ ନାୟକ, ମନମୋହନ ମିଶ୍ର, କାହ୍ନୁ ଚରଣ ବେହୁରା, ଶୁଭେନ୍ଦୁ ରାଉତରାୟ, ଗିରିଜା ନାୟକ, ବନିତା ସାମଲ, ମୁରଲୀଧର ଦାସ ଅଧିକାରୀ, ପ୍ରହଲ୍ଲାଦ ବେହେରା, ଅନ୍ତର୍ଯ୍ୟାମୀ ରଥ, ରବୀନ୍ଦ୍ର ମହାନ୍ତି, ସନ୍ତୋଷ ବେହୁରିଆ, ଗିରିଧାରୀ ନାଥ, ଅମର ପାଣିଗ୍ରାହୀ, ଉର୍ବଶୀ ନାୟକ, ସରୋଜ ଶତପଥି, ହୃଷିକେଶ ମହାନ୍ତି, ବୀରବର ନାୟକ ପ୍ରଭୃତି ଯୋଗ ଦେଇ ଗାନ୍ଧିଜୀ ଜଣେ ମଣିଷ ନ ଥିଲେ ସେ ଥିଲେ ଜଣେ ମହାମାନବ। ତାଙ୍କର ଆଦର୍ଶକୁ ସାରା ପୃଥିବୀ ଅନୁସରଣ କରୁଛି ଆଜି ବି ତାଙ୍କର ପ୍ରାସଙ୍ଗିକତା ଅଛି ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ମଣ୍ଡଳ, ଆଶ୍ରମର ସମ୍ପାଦକ ଅଶୋକ ଦାସ, ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, କବିତାରାଣୀ ପରିଡା, ଖଗେଶ୍ୱର ବଳ, ଗିରିଜା ନାୟକ, ଝରଣା ଦାସ ପ୍ରଭୃତି ପରିଚାଳନା କରିଥିଲେ।

# ଜମିଜମାକୁ କେନ୍ଦ୍ର କରି ଗାଁରେ ବୁଲିଲା ଖଣ୍ଡା

ନୀଳଗିରି, ୦୬/୦୬ (ନି.ପ୍ର):ଜମିଜମାକୁ କେନ୍ଦ୍ର କରି ସାନଭାଇର ପରିବାର ଓ ଗ୍ରାମବାସୀଙ୍କୁ ତେଲେଙ୍ଗା କଟୁରୀରେ ଆକ୍ରମଣ କରିବା ଘଟଣାରେ ବାପ ପୁଅଙ୍କୁ ମହଙ୍ଗା ପଡ଼ିଛି । ଅଂଚଳବାସୀ ବାପପୁଅକୁ କାବୁକରି ନିର୍ଘୁମ ଛେଚି ପୋଲିସରେ ହସ୍ତାନ୍ତର କରିବା ଅଂଚଳର ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରକାଶଥାଉକି କଲ୍ୟାଣୀ ଗ୍ରାମର କାଳିପ୍ରସାଦ ନାୟକ ବାଲେଶ୍ୱର ରେ ବସବାସ କରୁଥିବା ବେଳେ ଆଜି ତାଙ୍କ ପୁଅ ଜ୍ୟୋର୍ତିମୟଙ୍କ ସହ ଆସି ଗାଁରେ ପହଂଚିଥିଲେ । ପ୍ରାପ୍ତ ସୂଚନାରୁ ପ୍ରକାଶ କାଳିପ୍ରସାଦ ଓ ତାଙ୍କ ସାନ ଭାଇ ଅମ୍ବିକା ପ୍ରସାଦ ଙ୍କ ସହିତ ଜମିଜାମକୁ ନେଇ ଦୀର୍ଘ ବର୍ଷ ଧରି ବାଦବିବାଦ ଲାଗି ରହିଥିଲା । ଅଜି ଏହି ଉଗ୍ରରୂପ ଦେଖିବାକୁ ମିଳିଥିଲା । କାଳିପ୍ରସାଦ ଏକ ଗାଡ଼ିରେ ଜ୍ୟୋର୍ତିମୟଙ୍କ ସହିତ ଗାଁରେ ପହଂଚି ଅଖାରେ ପୁରେଇ ରଖିଥିବା ତେଲେଙ୍ଗା କଟୁରୀ ବାହାର କରି ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି । ସମସ୍ତ ସଂପତି ମୋର ବୋଲି ଦାବୀ କରି ବେଶି କଥା କହିଲେ ତୁମ ସମସ୍ତଙ୍କୁ ହାଣି ଦେବି କହି ବେମାଯାଇଥିବା ବାଡ଼କୁ ହାଣି ପକାଇଥିଲା । ଅମ୍ବିକା ପ୍ରସାଦ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ଘଟଣାକୁ ଗ୍ରାମବାସୀମାନେ ବିରୋଧ କରିଥିଲେ । ଏହା ପରେ ଉଭୟ ମିତ୍ରପୁର ବଜାରରେ ପହଂଚିବା ପରେ କିଛି ଅଂଚଳବାସୀ ବାପପୁଅକୁ ଅଟକ ରଖିବା ପରେ ସେଠାରେ ଆତଙ୍କ ଖେଳାଇଥିଲେ । ସେହି ସମୟରେ ଏକ ଟ୍ରକ ଯାଉଥିବା ବେଳେ ଟ୍ରକ ର ହେଲପର ମିତ୍ରପୁର ଅଂଚଳର ହିରଣ୍ଚନ୍ଦ୍ର ମଲିକ ଗାଡ଼ିରୁ ଓହ୍ଲାଇ ଟ୍ରକ ଆଗରୁ ହଟିଯିବାକୁ କହିଥିଲେ । ଏହି ସମୟରେ ଜ୍ୟୋର୍ତିମୟ ହଠାତ୍ ଉତକ୍ଷିପ୍ତ ହୋଇ ଧରିଥିବା ତେଲେଙ୍ଗା କଟୁରୀକୁ ତାଙ୍କ ବେକରେ ଚଟାଏ ମାରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଦେଖି ଅଂଚଳବାସୀ ବାପପୁଅକୁ ରୀତିମତ ଛେଚିଥିଲେ । ଏଥିରେ କାଳିପ୍ରସାଦଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ନୀଳଗିରି ପୋଲିସ ଖବର ପାଇ ଘଟଣାସ୍ଥଳରୁ ତେଲେଙ୍ଗା କଟୁରୀ ଜବତ କରିବା ସହିତ ଜ୍ୟୋର୍ତିମୟକୁ ଥାନାରେ ଅଟକ ରଖିବା ସହିତ ଆହତ କାଳିପ୍ରସାଦ ଓ ହରିଶ୍ଚନ୍ଦ୍ରକୁ ନୀଳଗିରି ମେଡିକାଲରେ ଭର୍ତି କରିଛନ୍ତି । ଘଟଣାକୁ ନେଇ ଅମ୍ବିକା ପ୍ରସାଦର ସ୍ତ୍ରୀ ମାନସୀ ନୀଳଗିରି ଥାନାରେ ଏକ ଅଭିଯୋଗ କରିଥିବା ଜଣାପଡ଼ିଛି । ଅପରପକ୍ଷରେ କାଳିପ୍ରସାଦ ମଧ ନୀଳଗିରି ଥାନାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ କରିଥିବା ଜଣାପଡ଼ିଛି ।

# ପ୍ରତାପ ଟ୍ରଷ୍ଟ ଆନୁକୂଲ୍ୟରେ ରାହାମାରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ



ପାରାଦୀପ, ୦୬/୦୬ (ନି.ପ୍ର): ରବିବାର ଦିନ କୁଜଙ୍ଗ ବ୍ଲକର ତାଳପଡା ଗ୍ରାମପଞ୍ଚାୟତ ବିଜୁ କଲ୍ୟାଣ ମଣ୍ଡପ ରାହାମା ପରିସରରେ ଏକ ସ୍ୱେଚ୍ଛା କୃତ ରକ୍ତଦାନ ଶିବିର ପ୍ରତାପ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଅଛି। ଏହି ରକ୍ତଦାନ ଶିବିରକୁ ତାଳପଡା ଗ୍ରାମପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ଦମୟନ୍ତୀ ଲେଙ୍କା, ସମାଜସେବୀ ଡ଼ଃ ସୁନାକର ବେହେରା, ସାଇଲୋ ଗ୍ରାମପଞ୍ଚାୟତ ସରପଞ୍ଚ ସରୋଜ କୁମାର ସେଠୀ, ପୋତାନଇ ଗ୍ରାମପଞ୍ଚାୟତ ସରପଞ୍ଚ ବ୍ରଜକିଶୋର ମହାରାଜ ଓ ପ୍ରତାପ ଟ୍ରଷ୍ଟର ଅଧକ୍ଷ ଶ୍ରୀ ପ୍ରତାପ କୁମାର ମହାପାତ୍ର, ଉପାଧ୍ୟକ୍ଷ ଦେବାଶିଷ ଅକ୍ଷୟ କୁମାର ମହାନ୍ତି, ପ୍ରେସ କ୍ଲବ ରାହାମା ସମ୍ପାଦକ ଶ୍ରୀକାନ୍ତ କୁମାର ଦାସ, ସମାଜସେବୀ ଆଶୁତୋଷ ଲେଙ୍କା ଅନୁଷ୍ଠାନିକ ରୂପେ ଉଦଘାଟନ କରିଥିଲେ । ଏହି ରକ୍ତ ଦାନ ଶିବିରରେ ୭୦'ଟି ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ସରକାରଙ୍କ ରେଡ଼କ୍ରସ ବ୍ଲଡ଼ ବ୍ୟାଙ୍କ କଟକର ଡାକ୍ତର ସେନସାଷ୍ଟୁ ଶତପଥୀ, ଲାବ୍ରୋଟୋରୀ ଟେକ୍ନିସିଆନ ସନ୍ଦୀପ ସ୍ୱାଇଁ, ଆଟେନାଣ୍ଟ ପ୍ରଶାନ୍ତ କୁମାର ସ୍ୱାଇଁ, ରମେଶ କୁମାର ରାଉତଙ୍କ ପ୍ରତେକ୍ଷ ତତ୍ୱାବଧାନ ଓ ମିଳିତ ସହଯୋଗରେ ଏହି ମହତ ରକ୍ତଦାନ ଶିବିର ଅନୁଷ୍ଠିତ ହେବାସହିତ ପ୍ରତାପ ଟ୍ରଷ୍ଟର କର୍ମକର୍ତ୍ତା ଆକାଶ କୁମାର ମହାପାତ୍ର, ରାଜେଶ କୁମାର ମହାପାତ୍ର, ସୁବ୍ରତ କୁମାର ମହାପାତ୍ର, ପବିତ୍ର କୁମାର ଦାସ, ସରୋଜ କୁମାର ଜେନା, ଚିତ୍ତରଞ୍ଜନ ସ୍ୱାଇଁ, ନଳିନୀ କାନ୍ତ ବରାଳ ଓ ପ୍ରେସ କ୍ଲବ ରାହାମାର ସାମ୍ବାଦିକମାନେ ଶିବିରକୁ ପରିଚାଳନା କରିଥିଲେ ।

# ବିଜେପିର ମହିଳା ସମାବେଶ : ଦେଶର ୯ କୋଟି ହୋଇଛନ୍ତି ଉପକୃତ

ଜଳେଶ୍ୱର, ୦୬/୦୬ (ନି.ପ୍ର): ବିଜେପିର ଜଳେଶ୍ୱର ନଗର ପକ୍ଷରୁ ଏକ ମହିଳା ସମାବେଶ ମହିଳା ନଗର ସଭାପତି ସୁବାସିନୀ ଜେନାଙ୍କ ଅଧ୍ୟକ୍ଷତାରେ ଶନି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ବର୍ଷର ସୁଶାସନ ଗରିବଙ୍କ କଲ୍ୟାଣରେ ଉତ୍ସର୍ଗୀକୃତ ଥିବା ବେଳେ ନାରୀ ସଶକ୍ତିକରଣ ମାଧ୍ୟମରେ ୯ କୋଟି ମହିଳା ଉପକୃତ ହୋଇ ପାରିଛନ୍ତି । ଜନଧନ ଯୋଜନାରେ ୨୫ କୋଟି ମହିଳା ଉପକୃତ ହେଉଥିବା ବେଳେ ୩୫ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୮ କୋଟି ଉଦ୍ୟମୀ ମହିଳା ଯୋଡି ହୋଇଛନ୍ତି । ଏଥିରେ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ମଂଜୁଳିକା ଘୋଷ, ମୁକ୍ତା ପାଳ, ଦେବଯାନୀ ଅଣ୍ଡିଆ, ଗିତାଞ୍ଜଳି ବେହେରା, ମମତା ଦାସ, ଅରୁଣ ବେଜ ପ୍ରମୁଖ ପରିଚାଳନା କରିଥିଲେ। ୬ନଂ ୱାର୍ଡ କାଉନ୍‌ସିଲର ଚନ୍ଦଦନ ଦାସ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, କାଉନ୍‌ସିଲର ଭରତ ଧଳ, ବଂକ ବିହାରୀ ଦାସ, ଯୁବମୋର୍ଚ୍ଚା ସଭାପତି ରବିନ୍ଦ୍ର ପାତ୍ର, ରାଜୀବ ଘୋଷ, ଜଗନ୍ନାଥ ଗୋଛାୟତ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ମହାବୀର ହାଇସ୍କୁଲରେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ରେମୁଣା, ୦୬/୦୬ (ନି.ପ୍ର): ସ୍ଥାନୀୟ ମହାବୀର ଆବାସିକ ବିଦ୍ୟାଳୟରେ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ ଶିବିରକୁ ଉଦ୍‌ଘାଟନ କରି କହିଲେ ପ୍ରାକ୍ ପ୍ରାଥମିକ ଓ ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀଭ୍କ ପାଠଦାନ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଛୋଟଛୋଟ ପିଲାଙ୍କୁ ଭଲଭାବେ ବୁଝି ଧୈର୍ଯ୍ୟ ସହ ପାଠଦାନ କଲେ କମଳମତି ପିଲାପାଠ ପ୍ରତି ଆକୃଷ୍ଟ ହୋଇ ପାରିବେ ବୋଲି ଶିବିରାର୍ଥୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ କୋଡ଼ିଏରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷିକା ଯୋଗଦାନ କରିଥିଲେ । ସାଧନ କର୍ମୀ ଭାବେ ରାଜ୍ୟସ୍ତରୀୟ ଆର.ପି ସୁଶ୍ରୀ ସତ୍ୟଭାମା ମୁଦୁଲି, ଅନ୍ୟତମ ଆର୍.ପି. ରାଧାରଂଜନ ଦାସ, ମୋନାଲିସା ଦାସ ପ୍ରମୁଖ ଯୋଗ ଦେଇ ଛୋଟ ପିଲାଙ୍କୁ କିପରି ସହଜରେ ଶିକ୍ଷାଦାନ କରାଯାଇ ପାରିବ, ତା'ର କୌଶଳ ଓ ପାଠଦାନ ପଦ୍ଧତି ସଂପର୍କରେ ବିଶ୍ଳେଷଣ କରିଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ଶିକ୍ଷୟିତ୍ରୀ ସ୍ୱପ୍ନା ମହାପାତ୍ର, ସସ୍ମିତା ପ୍ରଧାନ, ବାସନ୍ତୀ ପରିଡ଼ା, ଅର୍ପିତା ରାଉତ, ଶୁଭସ୍ମିତା ପତି, ମୌସୁମୀ, ବାରିକ, ପୂର୍ଣ୍ଣିମା ପ୍ରଧାନ, ଲକି ବେହେରା, ମଧୁସ୍ମିତା ମହାଳିକା, ଶିକ୍ଷକ ରଶ୍ମୀକାନ୍ତ ପଣ୍ଡା, ସତ୍ୟବ୍ରତ ବାଗ, ବରୁଣ କୁମାର ନାୟକ, ସଞ୍ଜୟ କୁମାର ପ୍ରଧାନ ସମେତ କୋଡ଼ିଏରୁ ଅଧିକ ଶିକ୍ଷକ ଶିକ୍ଷିକା ଯୋଗ ଦେଇଥିବାବେଳେ, ବିଦ୍ୟାଳୟ ସଂପାଦକ ରାଧାଗୋବିନ୍ଦ ମାହାର୍ଣ୍ଣା ଉଦ୍‌ଘାଟନୀ ପର୍ବରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ତିନି ଦିନିଆ କର୍ମଶାଳାର ସଫଳତା ଦିଗରେ ସମସ୍ତଙ୍କର ଆନ୍ତରିକ ସହଯୋଗ କାମନା କରିଥିଲେ ।

# ୫ଟି ଜିଲ୍ଲାର ୪୯୦ ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ

ଭୁବନେଶ୍ୱର, ୦୬/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ୫ଟି ଜିଲ୍ଲାର ୪୯୦ ଟି ସ୍କୁଲକୁ ଲୋକାର୍ପିତ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ୯୫ଟି ହାଇସ୍କୁଲ, କଟକର ୧୩୫ଟି, କଳାହାଣ୍ଡିର ୧୦୦ଟି, ଝାରସୁଗୁଡ଼ାର ୭୦ଟି ଓ ବରଗଡର ୯୦ଟି ହାଇସ୍କୁଲ ଲୋକାର୍ପିତ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୨୯୦୮ଟି ହାଇସ୍କୁଲର ରୂପାନ୍ତର ହୋଇଛି। ଏହି ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସ୍କୁଲ ଆଜି ଯେଉଁ ନୂଆ ରୂପ ନେଇଛି, ତାହା ପିଲାମାନଙ୍କ ଭିତରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି। ଏହା ସେମାନଙ୍କ ମଧ୍ୟରେ ନୂଆ ଆଶା ଓ ସଂକଳ୍ପ ସୃଷ୍ଟି କରିଛି । ସ୍କୁଲ ରୂପାନ୍ତର ପିଲାଙ୍କ ସ୍ୱପ୍ନ ଓ ସଫଳତା ମଧ୍ୟରେ ସେତୁ ପରି ହୋଇଛି। ସ୍କୁଲ ସମୟ ଜୀବନର ଶ୍ରେଷ୍ଠ ସମୟ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ରୂପାନ୍ତର ଆମର ପିଲାମାନଙ୍କୁ ଶ୍ରେଷ୍ଠ କରି ଗଢିତୋଳିବା ପାଇଁ ସୁଯୋଗ ସୃଷ୍ଟି କରିଛି । ଏହି ସୁଯୋଗ ର ଉପଯୋଗ କରି ଆଗକୁ ବଢିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇ ଥିଲେ। ପ୍ରତ୍ୟେକ ପିଲା ସ୍ୱତନ୍ତ୍ର ଏବଂ ତା ଭିତରେ ଭରି ରହିଛି ବିପୁଳ ସମ୍ଭାବନା। ପିଲାଙ୍କ ଆଖିରେ ଥାଏ ସୁନ୍ଦର ଭବିଷ୍ୟତର ସ୍ୱପ୍ନ। ଜୀବନରେ କିଛି ବଡ କରିବାର ସ୍ୱପ୍ନ। ସ୍କୁଲ ରୂପାନ୍ତର ପିଲାମାନଙ୍କ ଏ ସ୍ୱପ୍ନରେ ଡେଣା ଯୋଡିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ପିଲାମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛି। ତେଣୁ ଆତ୍ମବିଶ୍ୱାସ ର ସହ ଆଗକୁ ବଢିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପିଲାମାନଙ୍କ ସ୍ୱପ୍ନ ସାକାର ହେଲେ, ନୂଆ ଓଡିଶାର ଲକ୍ଷ୍ୟ ପୂରଣ ହେବ ଓ ନୂଆ ଓଡିଶା ଗଠନର ଭିତି ସ୍ଥାପିତ ହେବ। ଏହି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରି ମନ୍ତ୍ରୀ ନବକିଶୋର ଦାସ, ବିଧାୟକ ଧ୍ରୁବ ଚରଣ ସାହୁ, ବିଧାୟକ ଦେବୀପ୍ରସାଦ ମିଶ୍ର,କଳାହାଣ୍ଡି ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ ଓ ବିଧାୟକ ଶ୍ରୀ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଙ୍କ ୫-ଟି କାର୍ଯ୍ୟକ୍ରମ ଶିକ୍ଷା କ୍ଷେତ୍ରରେ ଓଡିଶାକୁ ଶ୍ରେଷ୍ଠ କରି ଗଢ଼ିତୋଳିବ ବୋଲି ମତ ଦେଇଥିଲେ।

# ବନ୍ଦ ହୋଇଥିବା ୨୧ ଟି ବିଦ୍ୟାଳୟ ଖୋଲିବାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଗଣଧାରଣା

ବାଲିଆପାଳ, ୦୬/୦୬ (ନି.ପ୍ର): ବାଲିଆପାଳ ବ୍ଲକରେ ବନ୍ଦ ହୋଇଥିବା ୨୧ଟି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ଦାବି ହୋଇଛି । ସରକାର ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିଥିବାରୁ ଉକ୍ତ ବିଦ୍ୟାଳୟକୁ ଅବିଳମ୍ୱେ ଖୋଲିବା ଏବଂ ଯୁଦ୍ଧକାଳୀନ ଭିତରେ ଶିକ୍ଷକ ନିଯୁକ୍ତି ଓ ଆଡମିଶନ ପ୍ରକିୟା ଆରମ୍ଭ କରିବା ଦାବିରେ ସ୍କୁଲ ସୁରକ୍ଷା କମିଟି ଉଦ୍ୟମରେ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ବ୍ଲକ ଅଫିସ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରିଥିଲେ । ଆଜି ସକାଳେ ଛାତ୍ରଛାତ୍ରୀ ଅଭିଭାବକ ମାନେ ବାଲିଆପାଳ ବସଷ୍ଟାଣ୍ଡରୁ ଏକ ଶୋଭଯାତ୍ରା ବାହାରି ବାଲିଆପାଳ ବ୍ଲକ ସାମ୍ନାରେ ବସିଥିଲେ । ଏହି



ପ୍ରତିବାଦ ସଭାରେ ଏଆଇଡିଏସଓ ବାଲେଶ୍ୱର ଜିଲ୍ଲା ଆବାହକ କମିଟିର ସଦସ୍ୟ ହରେକୃଷ୍ଣ ଦାସ ସଭାପତିତ୍ୱ କରିଥିଲେ । ଏଆଇଡିଏସଓ ଓଡିଶା ରାଜ୍ୟ ସଂପାଦକ ମଣ୍ଡଳୀୟ ସଦସ୍ୟ କ୍ରୀଷ୍ଣାରାଣୀ ସାହୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷାମାରଣା ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ସ୍କୁଲ ମିଶନ ପ୍ରକିୟା ଦ୍ୱାରା ବାଲିଆପାଳ ବ୍ଲକରେ ୨୧ଟି ବିଦ୍ୟାଳୟ ଉକ୍ତ ତାଲିକା ଭୁକ୍ତ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୯ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ସଂପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିବାରୁ ଛାତ୍ରଛାତ୍ରୀ ପାଠ ପଢାରୁ ବଂଚିତ ହୋଇଛନ୍ତି । ଦୂର ଗାଁ ବିଦ୍ୟାଳୟକୁ ପିଲାମାନେ ପାଠ ପଢିବାକୁ ପାଇ ଅସୁବିଧା ହେବା ସହିତ ଅଭିଭାବକ ମାନେ ସାଧାରଣତଃ କୃଷକ ଓ ଗରିବ ଖଟିଖିଆ ହୋଇଥିବାରୁ ଘରୋଇ ଶିକ୍ଷାଅନୁଷ୍ଠାନରେ ପିଲାମାନଙ୍କର ପାଠପଢାଇବା ସକ୍ଷମ ହୋଇପାରୁନାହାନ୍ତି । ବାଲିଆପାଳ ବ୍ଲକରେ ବହୁ ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲ ସୁରକ୍ଷା କମିଟି ଓ ଏଆଇଡିଏସଓ ନେତୃତ୍ୱରେ ବାଲିଆପାଳ ବ୍ଲକ ସମ୍ମୁଖରେ ଧାରଣା ବସିବା ସହିତ ବିକ୍ଷୋଭ କରିଥିଲେ । ଖୁବ ଶୀଘ୍ର ଉକ୍ତ ବିଦ୍ୟାଗୁଡିକ ଖୋଲି ଯୁଦ୍ଧ କାଳୀନ ଭିତରେ ଶିକ୍ଷକ ନିଯୁକ୍ତି ଆଡମିଶନ ପକ୍ରିୟା ଦାବି କରିଛନ୍ତି । ଏହି ପ୍ରତିବାଦ ସଭାରେ ସ୍କୁଲ ସୁରକ୍ଷା କମିଟି ସଦସ୍ୟ ଗଗନ ରାଉଳ, ବଂଶୀଧର ସାମଲ, ପରେଶ ଖାନ, ଅହଲ୍ୟା ସାମଲ, ମିନତୀ ପାଣି, ନାସିରୁଦ୍ଦିନ ଖାଁ ମଧ ବକ୍ତବ୍ୟ ରଖିଥିଲେ ।

# ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଶିଳ୍ପ ବିଭାଗ ପରିଦର୍ଶନ

ଭୁବନେଶ୍ୱର, ୦୬/୦୬ (ନି.ପ୍ର): ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ, ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଆଜି ପୂର୍ବାହ୍ନରେ ଖାରବେଳ ଭବନସ୍ଥିତ ଶିଳ୍ପ ବିଭାଗ ପରିଦର୍ଶନରେ ଆସି ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ପରିଚୟ ହୋଇଛନ୍ତି। ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ତାଙ୍କୁ ବିଭାଗ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ବିଭାଗର ସମ୍ମିଳନୀ କକ୍ଷଠାରେ ସେ ବିଭାଗର ଅଧିକାରୀମାନଙ୍କ ସହ ପରିଚିତ କରାଇଥିଲେ। ଏହି ଅବସରରେ ଅନୌପଚାରିକ ଭାବେ ସେ ଶିଳ୍ପ ବିଭାଗ ଅନ୍ୟ ବିଭାଗଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରି ବିଭାଗର କାର୍ଯ୍ୟଧାରାକୁ ଅଧିକ ଶାଣିତ ଓ ଆଖିଦୃଶିଆ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ସେ ନିଜକୁ ବିଭାଗର ସମସ୍ତ କାର୍ଯ୍ୟକ୍ରମରେ ସାମିଲ କରି ମୁଖ୍ୟମନ୍ତ୍ରୀଙ୍କ ୬-'ଟି' କାର୍ଯ୍ୟଧାରା ଅନୁସାରେ ଏଣିକି କ୍ଷେତ୍ର ପରିଦର୍ଶନ ଉପରେ ଅଧିକ ଜୋର ଦେବେ ବୋଲି କହିଥିଲେ। ପ୍ରମୁଖ ସଚିବ ଶ୍ରୀ ଶର୍ମା ବିଭାଗ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଆୟୋଜନ ପାଇଁ ପ୍ରସ୍ତୁତି ଚଳାଇଥିବା ପ୍ରକାଶ କରିଥିଲେ। ନିକଟରେ ବିଭାଗ ତରଫରୁ କୋଏମ୍ବାଟୁରର ପୋଷାକ ଶିଳ୍ପ ଏବଂ ଲାଇଟିଂ ଇଂଜିନିୟରିଂ ଶିଳ୍ପ ଓ କୋଲକାତାର ପ୍ରେଟ୍ରୋକେମିକାଲ ଶିଳ୍ପକୁ ଓଡ଼ିଶାରେ ତାଙ୍କର ଶିଳ୍ପ ପ୍ରତିଷ୍ଠା କରିବାକୁ ଆମନ୍ତ୍ରଣ ନିମନ୍ତେ ଉଦ୍ୟମ କରୁଥିବା ଦର୍ଶାଇଥିଲେ। ଏଥି ସହିତ ପ୍ରତିମାସ ଜିଲ୍ଲା ସ୍ତରରେ 'ଇଣ୍ଡଷ୍ଟ୍ରିଜ୍ କେୟାର' କାର୍ଯ୍ୟକ୍ରମ ମାଧ୍ୟମରେ ଶିଳ୍ପ ସଂସ୍ଥାଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ କରାଯାଉଥିବା ସେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଅତିରିକ୍ତ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଇଡ୍‌କୋର ସିଜିଏମ୍ (ଲ୍ୟାଣ୍ଡ) ବିଜୟ କୁମାର ଦାସ, ସିଜିଏମ୍ (ଅର୍ଥ) ଅଶ୍ୱିନୀ କୁମାର ବିଶ୍ୱାଳ, ସିଜିଏମ୍ ସରୋଜ କୁମାର ମହାନ୍ତି, ଅଶୋକ କୁମାର ମିଶ୍ରଙ୍କ ସମେତ ସମସ୍ତ ମୁଖ୍ୟ ସାଧାରଣ ପରିଚାଳକମାନେ ଯୋଗଦେଇଥିଲେ ।

# ବିଶ୍ୱ ପରିବେଶ ଦିବସରେ ପ୍ରଧାନଶିକ୍ଷକଙ୍କୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନୀତ

ନୀଳଗିରି,୦୬/୦୬ (ନି.ପ୍ର): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଥିବା ବାଲିଗୋହିରୀସ୍ଥିତ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଣାଳୟର ଅତିରିକ୍ତ ସଚିବ ମୋନା ସୋମା ଶ୍ରୀଯୁକ୍ତ ପଣ୍ଡାଙ୍କୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନୀତ କରିଛନ୍ତି । ଗତ ୫ ତାରିଖରୁ ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପ ପରିସରରେ ଅନୁଷ୍ଠିତ ହେଉଥିବା ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପ୍ରଧାନଶିକ୍ଷକଙ୍କୁ ମାନପତ୍ର ସହ ଏକ କିଟ୍ ପ୍ରଦାନ କରାଯାଇଅଛି । ବିନୋଦ ବିହାରୀ ପଣ୍ଡା ଜଣେ ଦକ୍ଷ ଶିକ୍ଷକତା ସାଂଗକୁ ପ୍ରକୃତି ପ୍ରେମୀ ଭାବେ ବାଲେଶ୍ୱର ଜିଲ୍ଲାରେ ବେଶ୍ ଜଣାଶୁଣା ।

## ଟୁରିଷ୍ଟ ଗାଇଡ ମନୋରଂଜନ ଦାସଙ୍କୁ ପ୍ରକୃତି ବନ୍ଧୁରେ ସମ୍ମାନୀତ

ନୀଳଗିରି,୦୬/୦୬ (ନି.ପ୍ର): ଜୁନ ୫ ରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବାଲିଆ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ନୀଳଗିରି ପଂଚଲିଙ୍ଗେଶ୍ୱର ର ଟୁରିଷ୍ଟ ଗାଇଡ ମନୋରଂଜନ ଦାସଙ୍କୁ ପ୍ରକୃତି ବନ୍ଧୁ ଭାବେ ସମ୍ମାନୀତ କରିଯିବା ସହ ୧୦ ହଜାର ଟଙ୍କାର ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ପି.ଡି. ରବିନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏ.ସି.ଏଫ. ଶୁଭମ ଦିଗନ୍ତ ଋନ୍ଦ କାର୍ଯ୍ୟକ୍ରମକୁ ପରିଋଳନା କରିଥିଲେ। ଜିଲ୍ଲାର ୧୨ଗୋଟି ବ୍ଲକରୁ ୧୨ଜଣ ପରିବେଶବିତ୍‌ଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ନୀଳଗିରି ରୁ ମନୋରଂଜନ ଦାସଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନୀତ କରାଯାଇଛି ।

# ପଶ୍ଚିମବଂଗକୁ ଅଭିନବ ଉପାୟରେ ଗୋ ଚାଲାଣ

ଜଳେଶ୍ୱର, ୦୬/୦୬ (ନି.ପ୍ର): ପ୍ରତିଦିନ ଓଡିଶାର ବିଭିନ୍ନ ସ୍ଥାନରୁ ଟ୍ରକ୍, ଟ୍ରଲର, ପିକ୍‌ଅପ୍, କଣ୍ଟେନରରେ ପଶ୍ଚିମବଂଗକୁ ବ୍ୟାପକ ଗୋ ଚାଲାଣ ହୋଇ ଆସୁଛି । ବିଭିନ୍ନ ରାଜପଥ ନିକଟରେ ଥିବା ଥାନା ଓ ପ୍ରଶାସନ ଏ ସଂପର୍କରେ ଜାଣିଥିଲେ ମଧ୍ୟ ଗୋ ଚାଲାଣ ବେଳେ ରାଜ୍ୟସରକାରଙ୍କ ଏନିମାଲ କ୍ୱଏଲିଟି ଆକ୍ଟର ବ୍ୟାପକ ଉଲଙ୍ଘନ ହେଉଛି । ପଶ୍ଚିମବଂଗର କୋଲକାତା, ହାଓଡା, ଖଡଗପୁର, ଆସନଶୋଲ, ଦୁର୍ଗାପର, ତମଲୁକ, ବର୍ଦ୍ଧମାନ, ଦିଘା ଅଂଚଳର କଂସେଇ ଖାନାକୁ ଓଡିଶାରୁ ପ୍ରତିଦିନ ଗୋ ଚାଲାଣ ହୋଇ ଆସୁଛି । ଅମାନବୀୟଭାବେ ପିକ୍‌ଅପ୍‌ରେ ୨ଟି ବଦଳରେ ୧୦ଟି, ଟ୍ରକ୍‌ରେ ୬ଟି ବଦଳରେ ୨୫ଟି, କଣ୍ଟେନର ଓ ଟ୍ରଲରରେ ୮୦ରୁ ଅଧିକ ଗୋରୁ ଗୁଡିକୁ ନିର୍ଦ୍ଦୟ ଓ ଅମାନବିୟଭାବେ ନିର୍ଦ୍ଦିଷ୍ଟ ରାକେଟ ଦ୍ୱାରା ଚାଲାଣ



ହୋଇ ଆସୁଛି । ଏଥିରେ କେତେକ ପ୍ରଶାସନୀକ ଅଧିକାରୀ, ପୁଲିସ୍, ସ୍ଥାନୀୟ ନେତା ଓ ସ୍ଥାନୀୟ ଦଲାଲ ମାନଙ୍କ ସହଯୋଗରେ ଏପରି କାର୍ଯ୍ୟ ଚାଲି ଆସୁଛି । ଏଣିକି ହଠାତ୍ ପଶ୍ଚିମବଂଗରେ ଆନିମାଲ କ୍ୱଏଲିଟି ଆକ୍ଟ ଆଇନ୍‌କୁ କଡାକଡି କରାଯାଇଥିବାରୁ ସବୁ ଗାଡି ଗୁଡିକରେ ଥିବା ଗାଇ, ବଳଦ, ଷଣ୍ଢ ଓ ବାଛୁରୀକୁ ଓଡିଶାସୀମାରେ ଓହ୍ଲାଇ ଦିଆଯାଉଛି । ବିଳମ୍ୱିତ ରାତ୍ରୀ କିମ୍ୱା ଭୋର ସମୟରେ ଏହି ଗୋରୁ ଗାଡିକୁ ୬୦ନଂ ଜାତୀୟ ରାଜପଥ ରାଜଘାଟ ଠାରୁ ଉପାନ୍ତ ଟୁଲଗେଟ ଓ ପୁରୁଣା ଚେକ୍‌ଗେଟ ନିକଟରେ ଦଲାଲ ଓ ଗୋ ଚାଲାଣକାରୀ ମାନେ ଗୋରୁ ଗୁଡିକୁ କଣ୍ଟେନରରୁ ଓହ୍ଲାଇ ଚଲାଇ ଚଲାଇ ନେଉଛନ୍ତି । କେତେକ ନିର୍ଦ୍ଦିଷ୍ଟ ରାସ୍ତାରେ ପ୍ରଶାସନର ଇଙ୍ଗିତରେ ସେମାନେ ଯାତାୟାତ କରି ଆସୁଛନ୍ତି । ଆଜି ସକାଳେ ଓଡିଶାରୁ ପଶ୍ଚିମବଂଗକୁ ଚାଲାଣ ହେଉଥିବା ୬ଟି କଣ୍ଟେନରରୁ ପ୍ରାୟ ୫୦୦ରୁ ଅଧିକ ଗୋରୁଗୁଡିକୁ ଓହ୍ଲାଇ ଚାଲାଣ କରାଯାଇଥିଲା । ଉପାନ୍ତରେ ଥିବା ଚୋରା ବାଲି ଚାଲୋଣ କାରୀଙ୍କ ବାଲିଗଦା ଉପରେ ଗୋରୁ ଗୁଡିକୁ ଓହ୍ଲାଇବାରେ ସହଜସାଧ୍ୟ ହେଉଥିବାର ଦେଖିବାକୁ ମିଳିଛି । ଆନିମାଲ କ୍ୱଏଲିଟି ଆକ୍ଟ ଦେଶରେ କାର୍ଯ୍ୟ କରୁଥିଲାବେଳେ ବିଳମ୍ୱରେ ହେଲେ ମଧ୍ୟ ପଶ୍ଚିମବଂଗ ସରକାର ଏହାକୁ ସ୍ୱାଗତ କରିଥିବା ବେଳେ ଓଡିଶା ସରକାରଙ୍କ ଉଦାସୀନତା ଆଲୋଚ୍ୟର ବିଷୟ ହୋଇଛି । ସୁବର୍ଣ୍ଣରେଖା ନଦୀପୋଲ ନିକଟରେ ପୁଲିସ୍‌ର ଏକ ନାକା ପଏଣ୍ଟ ଥିବା ବେଳେ ଏହି ଗୋରୁ ଟ୍ରକ୍ ଗୁଡିକ କିପରି ପଶ୍ଚିମବଂଗ ସୀମାକୁ ଯାଇପାରୁଛି ତାହା ପୁଲିସର ପାରିଲାପଣିଆକୁ ଅଂଗୁଳି ନିର୍ଦ୍ଦେଶ କରୁଛି । ଜଳେଶ୍ୱର ଥାନାରେ ଏବେ ପିସିଆର୍ ଭେନ୍ ଥିବା ଓ ତାହା ଜାତୀୟ ରାଜପଥରେ ପଇଁତରା ମାରୁଥିବା ବେଳେ କିପରି ଗୋଚାଲଣ, ବାଲି, ପଥର, ମୋରମ୍ ଓ ମାଟି ଚାଲାଣ ହୋଇ ପାରୁଛି ତାହା ସନ୍ଦେହକୁ ଅଧିକ ଦୃଢିଭୂତ କରୁଛି । ତେଣୁ ଏଥିପ୍ରତି ଜିଲା ଓ ରାଜ୍ୟପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଶିଶୁ ସୁରକ୍ଷା ନିମନ୍ତେ ରେଳ ଅଧିକାରୀଙ୍କ ସହ ଆଲୋଚନା

ଭଦ୍ରକ, ୦୬/୦୬ (ନି.ପ୍ର): ଭଦ୍ରକ ଚରମ୍ପା ରେଳ ଷ୍ଟେସନ ପରିସରରେ ଶିଶୁ ସୁରକ୍ଷା ସଂପର୍କିତ ବିଭିନ୍ନ ଆଲୋଚନା ପୂର୍ବତଟ ରେଳପଥ ଅଧିକାରୀ ସମୂହଙ୍କ ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଷ୍ଟେସନ ପ୍ରବନ୍ଧକ ସୁବାଷ ଚନ୍ଦ୍ର ସାହୁ, ମୁଖ୍ୟ ବାଣିଜ୍ୟ ନିରୀକ୍ଷକ ସୁନୀଲ କୁମାର ବେହେରା, ଉପଖଣ୍ଡ ଟ୍ରାଫିକ ନିରୀକ୍ଷକ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ବରିଷ୍ଠ ଉପଖଣ୍ଡ ଯନ୍ତ୍ରୀ କମଲ କୁମାର ସ୍ୱାଇଁଙ୍କ ସମେତ ଅନ୍ୟନ୍ୟା ଅଧିକାରୀଙ୍କ ଉପସ୍ଥିତିରେ କିଶୋର ନ୍ୟାୟ ଆଇନ୍ ଅନ୍ତର୍ଗତ ଆଇନ୍ ବ୍ୟବସ୍ଥାରେ କିପରି ରେଳ ଷ୍ଟେସନରେ ଅପରିଚିତ ଭାବରେ ବୁଲୁଥିବା ଶିଶୁଙ୍କୁ ଠାବ କରିବା, ଅନୈତିକ ଭାବେ ଶିଶୁ ଚାଲାଣକୁ ରୋକିବା, ବାଳ ଅପରାଧିମାନଙ୍କୁ କିଶୋର ନ୍ୟାୟ ପରିଷଦରେ ହାଜର କରିବା, ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ



ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରିବା ସହ ୧୦୯୮ ଟୋଲ୍ ଫ୍ରି ଚାଇଲ୍ଡ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରିବା ପାଇଁ ଆଲୋଚନା ହୋଇଥିଲା । ରେଳଷ୍ଟେସନ ପରିସରରେ ଶିଶୁ ମିତ୍ର ପରିବେଶ ସୃଷ୍ଟି କରିବା ସମ୍ବନ୍ଧରେ ରେଳ ସୁରକ୍ଷାବଳ ନିରୀକ୍ଷକ ଅଧିକାରୀ ପ୍ରକାଶ କୁମାର ସାହୁ, ଉପନିରୀକ୍ଷକ ସତ୍ୟପ୍ରକାଶ, ଜିଆରପି ପୋଲିସ ଅଧିକାରୀ ଆର. ଶଙ୍କର ରାଓ, ମହିଳା ଓ ଶିଶୁ ଡେସ୍କ ଅଧିକାରିଣୀ ସନ୍ଧ୍ୟାରାଣୀ ଟପୋଙ୍କ ସହ ଆଲୋଚନା ହୋଇଥିଲା । ଏଥିରେ ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟି, ଚାଇଲ୍ଡଲାଇନ୍ ପ୍ରମୁଖଙ୍କ ମୁଖ୍ୟ ସହଯୋଗ ରହିବ ବୋଲି ଆଲୋଚନା ହୋଇଥିଲା । ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଚାଇଲ୍ଡ ଲାଇନ ନିର୍ଦ୍ଦେଶିକା ସୋଫିଆ ସେକ୍‌ଙ୍କ ପ୍ରତିନିଧି ରିଆଜ ଅହମ୍ମଦ ଉକ୍ତ ଆଲୋଚନାରେ ଉପସ୍ଥିତ ରହି ଶିଶୁ ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ରେଳ ଷ୍ଟେସନରେ ବିଭିନ୍ନ ସଚେତନତା ଧର୍ମୀ କାର୍ଯ୍ୟକ୍ରମ କରି ଶିଶୁ ସୁରକ୍ଷାକୁ ବଳବତ୍ତର କରିବାପାଇଁ ନିଷତ୍ତି ନିଆଯାଇଥିଲା ।

# ବିଶ୍ୱ ପରିବେଶ ଦିବସ ପାଳିତ

ବାରିପଦା, ୦୬/୦୬ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଛି । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର ବଶା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱପରିବେଶ ଦିବସ ଉପରେ ଆଲୋଚନା କରିଥିଲେ । ଆମେ ସୁସ୍ଥଭାବେ ବଞ୍ଚିବା ପାଇଁ ଏକ ଉତ୍ତମ ପରିବେଶ ଦରକାର ବୋଲି




ଦର୍ଶାଇବା ସହ ସ୍ୱେଚ୍ଛାସେବୀମାନଙ୍କୁ ବୃକ୍ଷରୋପଣ ପାଇଁ ଉତ୍ସାହିତ କରିଥିଲେ । କୁଳପତିଙ୍କ ବାସଗୃହ ପରିସରରେ ରୁଦ୍ରାକ୍ଷ, ଚନ୍ଦନ ଓ ଆମ୍ବ ପ୍ରଭୃତି ବୃକ୍ଷରୋପ କରାଯାଇଥିବା ବେଳେ ମହାବିଦ୍ୟାଳୟ ପରିସରରେ ମଧ ବିଭିନ୍ନ ବୃକ୍ଷରୋପଣ କରାଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ଓ ସ୍ୱେଚ୍ଛାସେବ ଅଙ୍କିତା ସେନ, ଆୟୁଷ୍ମାନ ଭୂୟାଁ, ପ୍ରିୟାଂଶୁ ଦାସ, କିରଣ ବିନ୍ଧାଣୀ ଓ ବିଜୟ କୁମାର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା ।

# ଜୁନ ୯ ତାରିଖ ଭୁବନେଶ୍ୱର ଚାଲ ଆହ୍ୱାନରେ କନ୍‌ଭେନ୍‌ସନ୍

ଭଦ୍ରକ,୦୬/୦୬ (ନି.ପ୍ର): ଓଡ଼ିଶା ମଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ଏକ କନ୍‌ଭେନ୍‌ସନ୍ ଆୟୋଜନ କରାଯାଇଅଛି। ଦୀର୍ଘଦିନ ଧରି ଆନ୍ଦୋଳନ ପରେ ବ୍ଲକଗ୍ରାଣ୍ଟ ଭଳି ଏକ କୁତ୍ସିତ ପ୍ରଥାକୁ ଉଠାଇ ଦିଆ ଯାଇଥିଲା। ସରକାର କୌଶଳ ପୂର୍ବକ ନୂଆ ଅନୁଦାନପ୍ରାପ୍ତ ସ୍କୁଲ ବୋଲି ଘୋଷଣା କରିଥିଲେ। ରାଜ୍ୟ ସରକାର ଗତ ଡିସେମ୍ବର ମାସରେ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କୁ ସପ୍ତମ ବେତନ ପ୍ରଦାନ କରିବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେ ତା୩୧.୧୨.୨୧୨ ତାରିଖରେ କ୍ୟାବିନେଟରେ ଅନୁମୋଦନ କରିଥିଲେ। ରାଜ୍ୟ ସରାକରଙ୍କ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ପରେ ସରକାର ସମସ୍ତଙ୍କୁ ଅବିକଳ ସପ୍ତମ ବେତନ ଲାଗୁ କରିବେ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ ଡିସେମ୍ବର ୩୧ ତାରିଖର କ୍ୟାବିନେଟ ୨୦୨୨ ଜାନୁଆରୀ ୧୧ରେ ବିଜ୍ଞପ୍ତିରେ ଅମଲାତାନ୍ତ୍ରିକ ଷଡ଼ଯନ୍ତ୍ର ହୋଇଥିଲା। ସମସ୍ତଙ୍କୁ ଆନୁପାତିକ କେନ୍ଦ୍ରିୟ ବେତନ ଲାଗୁ କଲେ। ଏପରିକି ୨୦୨୧ ଡିସେମ୍ବର ୨୧ ତାରିଖର ପରଦିନ ଅର୍ଥାତ ୧.୧.୨୦୨୨ ତାରିଖରେ ଶତ ପ୍ରତିଶତ ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବିଦ୍ୟାଳୟକୁ ମଧ ଚଞ୍ଚକତା କରି ସପ୍ତମ ବେତନପ୍ରାପ୍ତିରୁ ବାଦ୍ ଦେଲେ। ଏଥି ସହିତ ଓଆରଏସପି ରୁଲ-୨୦୧୭ ନିୟମ ମୁତାବକ ସପ୍ତମ ବେତନ କରିବା ପାଇଁ ପ୍ରକାଶିତ ହୋଇଥିବା ବିଜ୍ଞପ୍ତିକୁ ବିକୃତ ବିକଳାଙ୍ଗ କରି ଏକ ମୋଡାଲିଟ ପ୍ରକାଶ କରିଛନ୍ତି। ଏହା ବିରୁଦ୍ଧରେ ଆଗାମୀ ୯ ତାରିଖରେ ଭୁବନେଶ୍ୱରରେ ଭଦ୍ରକ ଜିଲ୍ଲାରୁ ଶହଶହ ସଂଖ୍ୟାରେ ଶିକ୍ଷକ ଓ ଶକ୍ଷୟିତ୍ରୀମାନେ ଯୋଗ ଦେବା ପାଇଁ ସଂଘ ତରଫରୁ ଅନୁରୋଧ କରାଯାଇଛି। ବିଶେଷ କରି ନିମ୍ନ ଲିଖିତ ଦାବି ଗୁଡ଼ିକ ହେଲା - ସପ୍ତମ ବେତନ ପ୍ରଦାନ ପଦ୍ଧତି ସଂଶୋଧନ କରି ଅବିକଳ ସପ୍ତମ ବେତନ ପ୍ରଦାନ କରାଯାଉ। ସପ୍ତମ ବେତନ ପ୍ରଦାନରୁ ବାଦ ପଡ଼ିଥିବା ସ୍କୁଲ କଲେଜ କର୍ମଚାରୀମାନଙ୍କୁ ଆନୁପାତିକେ ହାରରେ ସପ୍ତମ ବେତନ ପ୍ରଦାନ କରାଯାଉ। ଅଦ୍ୟାବଧି ଯୋଗ୍ୟ ବିବେଚିତ ସ୍କୁଲ କଲେଜମାନଙ୍କୁ ଅନୁଦାନ ପ୍ରଦାନ କରାଯାଉ। ଅନୁଦାନପ୍ରାପ୍ତ ସ୍କୁଲ କଲେଜରେ ଖାଲିଥିବା ପଦବୀ ଅବିଳମ୍ବେ ପୂରଣ କରାଯାଉ। ସ୍କୁଲ କଲେଜରେ କାର୍ଯ୍ୟରତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କର ଦରମାରେ ଥିବା ଅସଙ୍ଗତ ସପ୍ତମ ବେତନ ନିର୍ଦ୍ଧାରଣ ବେଳେ ଦୂର କରାଯାଉ।

# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୁନ୍ ମାସ ପାଇଁ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟସୂଚୀ

ବାରିପଦା, ୦୬/୦୬ (ନି.ପ୍ର): ସରକାରଙ୍କ ସାଧାରଣ ପ୍ରସାଶନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୁନ୍ ମାସର ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଅଛି। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଯଥାକ୍ରମେ ପ୍ରଥମ ସୋମବାର-ତା.୦୬.୦୬.୨୦୨୨ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ କେନ୍ଦ୍ର, ଦ୍ୱିତୀୟ ସୋମବାର-ତା.୧୩.୦୬.୨୦୨୨ ରିଖରେ ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ, ତୃତୀୟ ସୋମବାର ତା.୨୦.୦୬.୨୦୨୨ ରିଖରେ ପାଂଚପୀଢ ଉପଖଣ୍ଡ କରଂଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଏବଂ ଚତୁର୍ଥ ସୋମବାରା ତା.୨୭.୦୬.୨୦୨୨ ରିଖରେ କପ୍ତିପଦା ଉପଖଣ୍ଡ ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଠାରେ ଅନୁଷ୍ଠିତ ହେବ। ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ / ଉପଖଣ୍ଡର ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସିଡିପିଓ, ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ ଏବଂ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁଥିବା ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମରେ ସଂପୃକ୍ତ ଅଚଂଳର ଜନ ସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସଂପର୍କୀତ ଅଭିଯୋଗ ଲିଖିତ ଅଥବା ମୌଖିକ ଭାବେ ଶିବିରରେ ଉପସ୍ଥିତ ରହି ଜଣାଇ ପାରିବେ।

# ଏକଲ ଅଭିଯାନ ତରଫରୁ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ

ଉଦଳା, ୦୬/୦୬ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ ତରଫରୁ ପ୍ରତିବର୍ଷ ପରି ଚଳିତ ଜୁନ ୫ ତାରିଖ ରବିବାର ଦିନ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଜଗନ୍ନାଥୀ ଠାରେ ଆଚାର୍ଯ୍ୟା ସୁକୁମାରୀ ମୁର୍ମୁଙ୍କ ନେତୃତ୍ୱରେ ବୃକ୍ଷ ରୋପଣ ଓ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ଅଭିଯାନର ସଞ୍ଚ ପ୍ରମୁଖ ଅଜୟ ବେହେରାଙ୍କ ଉଦ୍ୟମରେ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନେ 'ଗୋଟିଏ ପିଲାକୁ ଗୋଟିଏ ଗଛ, ଏହା ହେଉ ଆମ ଜୀବନ ଲକ୍ଷ ।' ସ୍ଲୋଗାନ ଦେଇ ସମଗ୍ର ଜଗନ୍ନାଥୀ ଅଞ୍ଚଳ ପରିକ୍ରମା



କରିଥିଲେ । ଏହାପରେ ରାସ୍ତା ପାର୍ଶ୍ୱରେ ଏକ ବଟ ବୃକ୍ଷ ରୋପଣ କରାଯାଇଥିଲା । ପରେ ଅଭିଯାନର ଗ୍ରାମ ସ୍ୱରାଜ ପ୍ରମୁଖ ଗୌରଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା । ଏଥିରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଭାରତୀୟ ଜୀବନବୀମା ନୀଗମର ଉଦଳା ଶାଖା ପରିଚାଳକ ବୈଦ୍ୟନାଥ ସିଂ, ଅଭିଯାନର ଉଦଳା ଅଞ୍ଚଳ ସଭାପତି ଗୋପିନାଥ ଜେନା, କାର୍ଯ୍ୟାଳୟ ପ୍ରଭାରୀ ମନୋରଂଜନ ମଲ୍ଲିକ ପ୍ରମୁଖ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳନର ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ବେଣୁଧର କଣ୍ଢା ବାଉଁଶିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ ଦେଇଥିଲେ । ସ୍ୱପ୍ନେଶ୍ୱର ନାୟକ, ପ୍ରଭାସ ଚନ୍ଦ୍ର ନାୟକ, ଗୀତା ପ୍ରଭାସୀନି ପାତ୍ରୀ, ରୀତାଞ୍ଜଳୀ ପ୍ରଧାନ, ଗଜେନ୍ଦ୍ର ବେହେରା, ସରୋଜ କୁମାର ମହା. ଚନ୍ଦ୍ର ମୋହନ ମାଝୀ, ଜୟରାମ ବାଙ୍କିରା, ସୀତା ବିନ୍ଧାଣୀ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ସ୍ୱର୍ଗତ ଶିବାଜୀ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର ୬/୬(ନି.ପ୍ର): ସାମ୍ପ୍ରତିକ ନିତୀ, ଆଦର୍ଶ, ପରମ୍ପରା ଏକ ବ୍ୟବସାୟରେ ପରିଣତ ହୋଇଥିବା ବେଳେ ସ୍ୱର୍ଗତ ଶୀବାଜୀ ପଟ୍ଟନାୟକଙ୍କ ଭୂମୀହିନଙ୍କ ଲାଗି କରିଥିବା ସଂଗ୍ରାମ, ଆଦର୍ଶ କେବେ ହଜିପାରେ, ଲୁଚି ହୋଇପାରେ ନା କିମ୍ବା ବିଲିନ ହେବ ନାହିଁ ବୋଲି ଆଜି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି । ଆଜି ଜଳେଶ୍ୱର ନୂଆବଜାରସ୍ଥିତ ଭଂଜ କଲନୀରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ସାମ୍ୟବାଦୀ ନେତା ଦିଲ୍ଲିପ ଗିରି ସଭାପତିତ୍ୱ କରିଥିଲେ । ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷକ ତଥା ଗବେଷକ ଶ୍ରୀକାନ୍ତ ପାତ୍ର, ପୂର୍ବଚତନ ବିଧାୟକ ଦେବିପ୍ରଶନ୍ନ ଚନ୍ଦ, ସାମ୍ୟବାଦୀ ନେତା ଶିଶିର ହୁଇ, ସ୍ତମ୍ଭକାର ସୁଦର୍ଶନ ଦାସ, ସିତାଂଶୁ ସେନାପତି ପ୍ରମୁଖ ଯୋଗ ଦେଇ ଶିବାଜୀ ପଟ୍ଟନାୟକଙ୍କୁ ଜଣେ ମହା ସଂଗ୍ରାମୀ , ଶ୍ରମିକ ସାଥି,ଜନ ଦରଦୀ ମଣିଷ ଭାବେ ଅଭିହିତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo